

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୯ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 DECEMBER 2020
Vol.No. 30 ■ No. 330 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନରସିଂହ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ଅସୁସ୍ଥତା ସମ୍ପର୍କରେ ତାଙ୍କ ପରିବାରବର୍ଗଙ୍କ ସହ କଥା ହୋଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଶ୍ରୀ ମିଶ୍ରଙ୍କଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ସୋମବାର ଟ୍ୱିଟ୍ କରିଛନ୍ତି ଯେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ରଙ୍କ ଅସୁସ୍ଥତା ବିଷୟରେ ଜାଣିବା ପରେ ତାଙ୍କ ପରିବାର ସହ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଲି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କ ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

## କଂଗ୍ରେସ ଦଳ ପକ୍ଷରୁ ସିବିଆଇ ଅଫିସ ଘେରାଓ

ଭୁବନେଶ୍ୱର,୨୮।୧୨ (ନି.ପ୍ର): କଂଗ୍ରେସ ସ୍ଥାପନା ଦିବସ ଅବସରରେ ଦଳ ପକ୍ଷରୁ ଆଜି ସିବିଆଇ ଅଫିସ ଘେରାଓ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ମାମଲାରେ ସିବିଆଇର ଶିଥିଳତା ବିରୋଧରେ କଂଗ୍ରେସ ପକ୍ଷରୁ ରଣହୁଙ୍କାର ଦିଆ ଯିବା ସହ ଦଳ ପକ୍ଷରୁ ପ୍ରତିଷ୍ଠା ଦିବସରେ ସିବିଆଇ ଅଫିସ ଘେରାଉ କରାଯାଇଛି । ଭୁବନେଶ୍ୱର ଆଠ ନମ୍ବର ଡିଏଭି ସ୍କୁଲ ନିକଟରୁ ଏକ ବଡ଼ ପଦଯାତ୍ରା ରେ ଆସି ସିବିଆଇ ଅଫିସ ଆଗରେ ଧାରଣା କଂଗ୍ରେସର ବରିଷ୍ଠ ନେତା ଓ କର୍ଯ୍ୟକର୍ତା ମାନେ ଧାରଣା ଦେଉଛନ୍ତି । । ତ୍ରିରଙ୍ଗା ଯାତ୍ରା ରେ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଙ୍କ ସମେତ କଂଗ୍ରେସର ଅନ୍ୟ ନେତା ମାନେ ଉପସ୍ଥିତ ଥିଲେ ।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର,୨୮।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଚଳିତ ବର୍ଷର ଶେଷ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୨ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିଥିଲା। ରାଜ୍ୟର ମେଡିକାଲ ଓ ଇଂଜିନିୟରିଂ କଲେଜରେ ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ ରଖିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ସେହିପରି ଲୋକ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ବାର୍ଷିକ ସମ୍ପତି ତାଲିକା ଦେବା ବାଧ୍ୟତାମୂଳକ ରହିବ। ମହାତ୍ମା ଗାନ୍ଧିଙ୍କ ଓଡିଶା ଆଗମନର ଶତବାର୍ଷିକୀ ବର୍ଷବ୍ୟାପୀ ପାଳନ କରିବାକୁ କ୍ୟାବିନେଟ୍ ନିଷ୍ପତି ହୋଇଛି। ଏହା ବ୍ୟତୀତ ଓଡିଶାର ବରପୁତ୍ରମାନଙ୍କ ଜୀବନୀ ଓ କାର୍ଯ୍ୟ ପାଠ୍ୟପୁସ୍ତକରେ ସ୍ଥାନିତ କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ବୈଠକ ପରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ , ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ , ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇଥିଲେ । ଓଡିଶା ସରକାରୀ ମହାବିଦ୍ୟାଳୟ ଗ୍ରନ୍ଥଗାରିକ (ନିଯୁକ୍ତ ଓ ସେବାସର୍ତ୍ତ) ନିୟମାବଳୀ ୨୦୧୭ର ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ରେ ଅନୁମୋଦନ କରାଯାଇଛି। ଏହି ବ୍ୟବସ୍ଥାରେ ରାଜ୍ୟ ସରକାରୀ ମହାବିଦ୍ୟାଳୟର କନିଷ୍ଠ , ସହାୟକ , ବରିଷ୍ଠ ଗ୍ରନ୍ଥଗାରିକ ଓ ଗ୍ରନ୍ଥଗାରିକମାନଙ୍କ ପଦୋନ୍ନତି ମାନଦଣ୍ଡ ଓ

▶▶ପୃଷ୍ଠା ୭

# ଭାରତର ପ୍ରଥମ ଚାଳକବିହୀନ ମେଟ୍ରୋ ରେଳ ସେବାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୮।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ଭାରତର ପ୍ରଥମ ଚାଳକବିହୀନ ମେଟ୍ରୋ ରେଳ ସେବାର ଶୁଭାରମ୍ଭ କରିଚନ୍ତି । ଦିଲ୍ଲୀ ମେଟ୍ରୋର ମାଜେଂଟା ଲାଇନରେ ଏହି ରେଳ ଚଳାଚଳ ଆରମ୍ଭ ହୋଇଛି । ଆଜି ମଧ ଦିଲ୍ଲୀ ମେଟ୍ରୋର ବିମାନବନ୍ଦର ଏକ୍ସପ୍ରେସ ଲାଇନରେ ନ୍ୟାସନାଲ କମନ ମୋବିଲିଟି କାର୍ଡ ସେବାର ଶୁଭାରମ୍ଭ କରାଯାଇଛି ଯାହାକି ଗତବର୍ଷ ଅହମ୍ମଦାବାଦରେ ଆରମ୍ଭ ହୋଇଥିଲା । କେନ୍ଦ୍ର ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମକୁ ସହରାଂଚଳ ଭବିଷ୍ୟତର ବିକାଶ ଦିଗରେ ଏକ ପ୍ରୟାସ ଭାବେ ଅଭିହିତ କରିଥିଲେ । ସେ କହିଥିଲେ ଯେ ଭବିଷ୍ୟତର ଆବଶ୍ୟକତା ପାଇଁ ଦେଶକୁ ପ୍ରସ୍ତୁତ କରିବା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

# ଭୁବନେଶ୍ୱରରେ ଜିରୋ ନାଇଟ୍ ସେଲିବ୍ରେସନ୍ ମନା

## ହୋଟେଲ , କ୍ଲବ୍ ରେ ହେବ ସରପ୍ରାଇଜ ଚେକିଙ୍ଗ : ଡିସିପି



ଭୁବନେଶ୍ୱର,୨୮।୧୨ (ନି.ପ୍ର): ଏଥର ନୂଆବର୍ଷ ଅବସରରେ ଜିରୋ ନାଇଟ୍ ସେଲିବ୍ରେସନ୍ କୁ ବାରଣ କରିଛି ଭୁବନେଶ୍ୱର ମହାନଗର ନିଗମ। ହୋଟେଲ, କ୍ଲବ, କନଭେନସନ୍ ହଲ୍ ଓ କଲ୍ୟାଣ ମଣ୍ଡପ ଆଦିରେ ଜିରୋ ନାଇଟ୍ ସେଲିବ୍ରେସନ ଏବଂ ଜନସମାଗମ ଉପରେ ବିଏମସି ପକ୍ଷରୁ ରୋକ ଲଗାଯାଇଛି। ଏନେଇ ସୋମବାର ଦିନ ନିର୍ଦ୍ଦେଶନାମା ଜାରି କରାଯାଇଛି। ମସ୍ତଙ୍କୁ ନିଜ ପରିବାର କିମ୍ବା ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ସହ ଘରେ ରହି ଜିରୋ ନାଇଟ୍ ପାଳିବାକୁ କହିଛି ବିଏମସି। ତେବେ ଜିରୋ ନାଇଟ୍ ପାଳିବା ସମୟରେ କୋଭିଡ୍ ନିୟମର ପାଳନ କରିବାକୁ ବିଏମସି ପରାମର୍ଶ ଦେଇଛି। ବିଏମସିର ଏହି ନିର୍ଦ୍ଦେଶନାମା ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅପରପକ୍ଷରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ କହିଛନ୍ତି ଯେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ବର୍ଷ ଜିରୋ ନାଇଟ ସେଲିବ୍ରେସନ ବାରଣ କରାଯାଇଛି। ରାଜଧାନୀରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସବୁ ହୋଟେଲ ଓ କ୍ଲବ ମାନଙ୍କରେ ସରପ୍ରାଇଜ ଚେକିଙ୍ଗ କରାଯିବ।

## ଓଡ଼ିଶା ଭୂତାତ୍ତ୍ୱିକ ସେବା କ୍ୟାଡ଼ର ନିୟମ ୨୦୨୦- ପ୍ରକାଶିତ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଓଡ଼ିଶା ଖଣି ଏବଂ ଭୂତତ୍ତ୍ୱ ସେବାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ୱିଙ୍ଗ ପାଇଁ କ୍ୟାଡ଼ର ନିୟମାବଳୀ ଅଧିକ୍ରମଣ ଦ୍ୱାରା ପରିବର୍ତ୍ତନ କରାଯାଇ ଓଡ଼ିଶା ଭୂତାତ୍ତ୍ୱିକ ସେବା କ୍ୟାଡ଼ର ନିୟମ ୨୦୨୦ ଭାବରେ ପ୍ରକାଶ କରାଯାଇଛି । ପୂର୍ବତନ ଓଡ଼ିଶା ଖଣି ଏବଂ ଭୂବିଜ୍ଞାନ ସେବାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସ୍‌ଧାନ ୱିଙ୍ଗ, ଓଡ଼ିଶା ଭୂତାତ୍ତ୍ୱିକ ସେବା ଭାବରେ ପରିଚିତ ହେବ । ଏହି ଅଧିକ୍ରମଣ ଦ୍ୱାରା ପ୍ରଶାସନିକ ବ୍ୟବସ୍ଥା ତଥା ଇସ୍ପାତ ଏବଂ ଖଣି ବିଭାଗ ଅଧିନରେ ଥିବା ଭୂବିଜ୍ଞାନ ନିର୍ଦ୍ଦେଶାଳୟର ବୈଷୟିକ ମାନବ ସମ୍ବଳକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୧୮ ମସିହା ଜୁନ୍ ମାସରେ ହୋଇଥିବା କ୍ୟାଡ଼ର ପୁନର୍ଗଠନ ଦ୍ୱାରା ସୃଷ୍ଟି ହୋଇଥିବା ପରିବର୍ତ୍ତନଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଦ୍ୱାରା ଚିରସ୍ଥାୟୀ ଉନ୍ନତ ଭୂତାତ୍ତ୍ୱିକ ଅନୁସନ୍ଧାନ ମାଧ୍ୟମରେ ଖଣିଜ ବିକାଶକୁ ସୁନିଶ୍ଚିତ କରିବା ସହିତ ରାଜ୍ୟରେ ଖଣିଜ ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହୋଇପାରିବ ।

# ନୂଆବର୍ଷରୁ ପ୍ରବଳ ଜାଡ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ନୂଆବର୍ଷରୁ ବଢିବ ଶୀତ । ଡିସେମ୍ବର ୩୧ ତାରିଖ ପର ଠାରୁ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୫ ଡିଗ୍ରୀ ତଳେ ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେବେ ଆଗାମୀ ୨ଦିନ ମଧ୍ୟରେ ରାତ୍ରି ତାପମାତ୍ରା ବା ସର୍ବନିମ୍ନ ତାପମାତ୍ରା ରେ ବଡ ପରିବର୍ତ୍ତନର ସମ୍ଭାବନା ନାହିଁ । ସେହିପରି ୩୧ ତାରିଖ ରାତି ଠାରୁ ରାଜ୍ୟର ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୁଳ, ବୌଦ୍ଧ, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ଶୀତ ଲହରୀ ଅନୁଭୂତ ହେବା ସହ ରାତିର ତାପମାତ୍ରାରେ ହ୍ରାସ ପରିଲକ୍ଷିତ।

▶▶ପୃଷ୍ଠା ୭

## ବାଲେଶ୍ୱରେ କ୍ରୀଡ଼ା ଭିତିଭୂମିର ସମୀକ୍ଷା କଲେ ମନ୍ତ୍ରୀ



ଭୁବନେଶ୍ୱର,୨୮।୧୨ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ବାଲେଶ୍ୱର ଜିଲ୍ଲା ଗସ୍ତ କରି କ୍ରୀଡ଼ା ଭିତିଭୂମି ସହିତ ଏସ.ଟି.ପି.ଆଇ. କେନ୍ଦ୍ରର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଅପରାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା ଆଜି ପୂର୍ବାହ୍ନରେ ବାଲେଶ୍ୱର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ଏବଂ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହିତ ଆଗାମୀ ଦିନରେ କ୍ରୀଡ଼ାର ସମ୍ଭାବ୍ୟ ବିଷୟରେ ଆଲୋଚନା କରିବା ସହ ପରସିଟ୍ ଓ ଚାନ୍ଦମାରୀ ପଡ଼ିଆ ଏବଂ ରେମୁଣା ବ୍ଲକ୍ ସ୍ଥିତ ନରହରି ପଡ଼ିଆ ବୁଲି ଦେଖିଥିଲେ। ପରେ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର ଏସ୍.ଟି.ପି.ଆଇ. କେନ୍ଦ୍ର ବୁଲି ଦେଖିବା ସହ ଆଇଟି ଭିତିଭୂମି ଓ ନିଯୁକ୍ତି ସୁଯୋଗ ନେଇ ଆଇଟି କମ୍ପାନୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଗତକାଲି ଜିଲ୍ଲା ସର୍କିଟ୍ ହାଉସ୍ ଠାରେ ବାଲେଶ୍ୱର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ଜିଲ୍ଲା କ୍ରୀଡ଼ା ଭିତିଭୂମିର ଉନ୍ନତିକରଣ ନେଇ ଆଲୋଚନା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ ଅଭିଯୋଗରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନବୀନ ସରକାର ହଡ଼ପ ଓ ଚଂଚକତା କରୁଥିବା ବିରୁଦ୍ଧରେ ସୋମବାର ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କର ମିଥ୍ୟା ଚିଠି କୁ ଚିରି ପ୍ରତିବାଦ କରାଯାଇଥିଲା । ଭୁବନେଶ୍ୱର ବିଜେପି ଜିଲ୍ଲା ସଭାପତି ବାବୁସିଂ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନିଜର କହି ଫଳକରେ ବିଜୁବାବୁଙ୍କ ଫଟୋ ଲୋଗୋ ସହ ବଡ଼ ବଡ଼ ଅକ୍ଷରରେ ବିଜୁ ପକ୍କାଘର ଯୋଜନା ଲେଖି ନିର୍ମିତ ଗୃହରେ ଷ୍ଟିକର ମାରୁଛନ୍ତି।ଏଥିରୁ ଯଦି ସରକାର ନିବୃତ୍ତ ନରୁହନ୍ତି ତେବେ ଆଗାମୀ ଦିନରେ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।୧୦/୧୨ବର୍ଷ ତଳୁ ନିର୍ମିତ ହୋଇଥିବା ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପକ୍କା ଘରେ ଏବେ ବିଜୁ ପକ୍କା ଘର ଷ୍ଟିକର ମାରି ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା କୁ

▶▶ପୃଷ୍ଠା ୭

# ୬୨ ବ୍ରିଟେନ୍ ଫେରନ୍ତାଙ୍କ ପତ୍ତା ମିଳୁନି



ଭୁବନେଶ୍ୱର,୨୮।୧୨ (ନି.ପ୍ର): ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନ୍ ଦେଖାଦେବା ପରେ ଏହାକୁ ରୋକିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ସେଠାରୁ ଫେରିଥିବା ଲୋକଙ୍କୁ ଚିହ୍ନଟ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ବ୍ରିଟେନରୁ ଓଡ଼ିଶା ଫେରିଥିବା ଯାତ୍ରୀଙ୍କ ମଧ୍ୟରେ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱର ଓ ଜଗତସିଂହପୁରରୁ ୩ ଜଣ ଲେଖାଁଏ ପଜିଟିଭ ରହିଛନ୍ତି। ତେବେ ବ୍ରିଟେନ୍ ଫେରନ୍ତାଙ୍କ ଭିତରୁ ଏପର୍ଯ୍ୟନ୍ତ ୬୨ଜଣଙ୍କର ପତା ମିଳିପାରୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି ଯେ ନଭେମ୍ବର ୩୦ରୁ ଡିସେମ୍ବର ୨୧ ଯାଏଁ ୧୮୧ ଜଣ ଓଡ଼ିଶା ଫେରିଥିବା ବେଳେ ସେମଧ୍ୟରୁ ୧୧୯ ଜଣଙ୍କ ପତା ମିଳିପାରିଛି । ହେଲେ ବାକି ୬୨ ଜଣ ଭୁଲ ଫୋନ ନମ୍ବର, ଠିକଣା ଦେଇଥିବାରୁ ସେମାନଙ୍କ ପତା ମିଳିପାରି ନାହିଁ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢିଛି ବୋଲି କହିଛନ୍ତି ।

# ଗୁଳି ଫୁଟାଇ ଲୁଟିନେଲେ ୩ ଲକ୍ଷ

## ନମ୍ବର ବିହୀନ ବାଇକରେ ଆସି ଛଡ଼ାଇ ନେଲେ ଟଙ୍କା ବ୍ୟାଗ୍



ବାଲେଶ୍ୱର,୨୮।୧୨ (ନି.ପ୍ର): ଦିନକୁ ଦିନ ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ କ୍ରମଶଃ ବଢ଼ିବାରେ ଲାଗିଛି। ବ୍ୟାଙ୍କରେ ଟଙ୍କା ଜମା ଦେବାକୁ ଯାଉଥିବା ବେଳେ ଜାତୀୟ ରାଜପଥର କୁରୁଡ଼ାଠାରେ ବନ୍ଧୁକ ଚଳାଇ ଦୁଇ ଅଚିହ୍ନା ଯୁବକ ବ୍ୟବସାୟିକ ପ୍ରତିଷ୍ଠାନର କର୍ମଚାରୀଙ୍କଠାରୁ ୩ ଲକ୍ଷ ଲୁଟିନେବା ଘଟଣାକୁନେଇ ଏବେ ସବୁ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜେସିବି ଡିଲର 'ସାମଲ ଇକ୍ୟୁପି'ର ଆକାଉଣ୍ଟାଣ୍ଟ ଅଶୋକ କୁମାର ଜେନା ୩ ଲକ୍ଷ ୨୦ ହଜାର ଟଙ୍କା ନେଇ ପୂର୍ବାହ୍ନ ପ୍ରାୟ ୧୧ ଟା ବେଳେ ବିରୁଆଁ ଷ୍ଟେଟବ୍ୟାଙ୍କ ଶାଖାକୁ ଯାଉଥିଲେ। ପ୍ରତିଷ୍ଠାନର ସିକ୍ୟୁରିଟି ଚାଳାଉଥିବା ବାଇକରେ ଟଙ୍କା ବ୍ୟାଗ ଧରି ବସିଥିବା ବେଳେ ଏହି ଆକ୍ରମଣ ହୋଇଥିଲା। ଜାତୀୟ ରାଜପଥର ମଡ଼ର୍ଣ୍ଣ ବୈଷୟିକ ଶିକ୍ଷାନୁଷ୍ଠାନ ଅତିକ୍ରମ କରୁଥିବା ବେଳେ ହେଲେମେଟ ପିନ୍ଧିଥିବା ଦୁଇଜଣ ଅଚିହ୍ନା ଯୁବକ ଏକ ନମ୍ବର ବିହୀନ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଶ୍ରୀ ଜେନା ଓ ସିକ୍ୟୁରିଟି ଗାର୍ଡ଼ ବାଧାଦେବାରୁ ଲୁଟେରା ଯୁବକ ଶ୍ରୀ ଜେନାଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ବାମପାଦ ଉପରେ ବାଜିବା ପରେ ସେ ଚିତ୍କାର କରି ତଳେ ବସିପଡ଼ିଥିଲେ। ସେହି ସମୟରେ ଯୁବକ ଦ୍ୱୟ ଟଙ୍କା ବ୍ୟାଗନେଇ ସେଠାରୁ ଚମ୍ପଟ ମାରିଥିଲେ। ସେମାନେ ଜାତୀୟ ରାଜପଥର ରେମୁଣା ଅଭିମୁଖେ ପଳାଇଯାଇଥିବା ଆହତ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ତେବେ ଖବର ପାଇ ସଦର ଥାନା ପୁଲିସ ସମେତ ଜିଲ୍ଲା ପୁଲିସର କେତେକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଆହତ ଆକାଉଣ୍ଟାଣ୍ଟ ଶ୍ରୀ ଜେନାଙ୍କୁ ବାଲେଶ୍ୱର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ଶୁକ୍ରବାର ବଡ଼ଦିନଠାରୁ ବ୍ୟାଙ୍କ ବନ୍ଦ ରହିଥିବା ବେଳେ ୩ ଦିନର ବିକ୍ରି ଅର୍ଥକୁ ବ୍ୟାଙ୍କରେ ଜମା ଦେବାକୁ ସେ ଯାଉଥିଲେ। ଏହି ଟଙ୍କା ବାବଦରେ ଲୁଟେରାଙ୍କୁ ଜଣାଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି।

# ଭାଷଣ ଦେଲା ବେଳେ ଅସୁସ୍ଥ ହୋଇ ପଡିଲେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର



ଭୁବନେଶ୍ୱର,୨୮।୧୨ (ନି.ପ୍ର): କଂଗ୍ରେସ ପକ୍ଷରୁ ଆଜି ସିବିଆଇ କାର୍ଯ୍ୟାଳୟ ଠାରେ ଆନ୍ଦୋଳନ ସମୟରେ ଭାଷଣ ଦେବା ବେଳେ ହଠାତ ଅସୁସ୍ଥ ହୋଇ ପଡିଛନ୍ତି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର। ମିଳିଥିବା ସୂଚନା ଅନୁସାରେ ସୋମବାର ଦିନ କଂଗ୍ରେସ ଦଳ ପକ୍ଷରୁ ଭୁବନେଶ୍ୱରର ସିବିଆଇ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ସେଠାରେ ଭାଷଣ ଦେଉଥିବା ବେଳେ ହଠାତ ସେ ଛାତିକୁ ଧରି ତଳେ ବସିଯାଇଥିଲେ। ଏହାପରେ ତାଙ୍କୁ ତତକ୍ଷଣାତ୍ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଅନ୍ୟ ପକ୍ଷରେ ନରସିଂହ ମିଶ୍ର ଠିକ୍ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗୀରରୁ ଆଜି ସକାଳେ ଭୁବନେଶ୍ୱରକୁ ଫେରିଥିଲେ। ଦୀର୍ଘ ସମୟର ଯାତ୍ରା ହେତୁ ନରସିଂହ ମିଶ୍ର କ୍ଳାନ୍ତ ହୋଇପଡ଼ିଥିଲେ ବୋଲି ସେ କହିଛନ୍ତି।

# ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିର ହିସାବ ଦିଅନ୍ତୁ ମୁଖ୍ୟମନ୍ତ୍ରୀ : ମହିଳାମୋର୍ଚ୍ଚା ସଭାନେତ୍ରୀ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମହିଳା ସଂରକ୍ଷଣ କଥା ଉଠାଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ଅପଚେଷ୍ଟା କରିଛନ୍ତି । ଗତ କିଛିଦିନ ଧରି ରାଜଧାନୀର ରାଜରାସ୍ତାରେ ବିଭିନ୍ନ ଦାବି ନେଇ ଏଏନଏମ କର୍ମୀମାନେ ପ୍ରତିବାଦ କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ କ'ଣ ଏ ବିଷୟରେ ଅବଗତ ନାହାଁନ୍ତି କି ? ସେ ଏଏନଏମ ମହିଳାଙ୍କ କଥା କାହିଁକି ବୁଝୁନାହାଁନ୍ତି ବୋଲି ବିଜେପି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସେହିପରି ଲୋକସଭା ଭବନ ଠାରୁ ଆରମ୍ଭ କରି ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କାର୍ଯ୍ୟରତ ଥିବା ମହିଳାଙ୍କୁ ସ୍ଥାୟୀ ନିଯୁକ୍ତି କାହିଁକି ଦିଆଯାଉନାହିଁ । ଠିକା କର୍ମଚାରୀ ଭାବେ କାମ କରୁଥିବା ମହିଳାଙ୍କୁ ରାଜ୍ୟସରକାର ସେମାନଙ୍କୁ ସରକାରୀ ବ୍ୟବସ୍ଥାରେ ଦରମା ଦେବା ପାଇଁ କାହିଁକି ବ୍ୟବସ୍ଥା କରୁନାହାଁନ୍ତି ? ମୁଖ୍ୟମନ୍ତ୍ରୀ ମହିଳା ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଇପାରିବେ କି ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଗତ ୫ବର୍ଷରେ ପରୀ ସମେତ ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ହୋଇଛନ୍ତି । ଏବେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ସଂରକ୍ଷଣ ଦ୍ୱାହି ଦେଇ ଓଡିଶାର ଲୋକଙ୍କୁ ଦୁଃସ୍ୱପ୍ନ ଦେଖାଉଛନ୍ତି । ଗତ ୨୦ ବର୍ଷ ଶାସନ ଭିତରେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି କ'ଣ ରହିଛି ତାହାର ହିସାବ ମୁଖ୍ୟମନ୍ତ୍ରୀ ଦେବା ପାଇଁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ବିଜେପି ସରକାର ମହିଳାଙ୍କ ପାଇଁ କାଗଜରେ ନୁହେଁ ବାସ୍ତବରେ କାମ କରିଆସୁଛି । ମୋଦି ସରକାର ଭାରତବର୍ଷର ମହିଳା ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବା ସହ କରୋନା ସମୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ, ଜନଧନ ଆକାଉଂଟଧାରୀ ଏବଂ ବିଧବା ମହିଳାଙ୍କୁ ଭତା ଓ ଅନ୍ୟାନ୍ୟ ସହାୟତା ଦେଇଛନ୍ତି । ମୋଦି ସରକାର ଓଡ଼ିଶାରେ ୭୭ ଲକ୍ଷ ୧୪ ହଜାର ୮୦୯ଟି ଘର ସହ ଶୌଚାଳୟ ନିର୍ମାଣ କରାଯାଇ ମହିଳାଙ୍କୁ ସମ୍ମାନ ଦେଇଛନ୍ତି । କରୋନା ସମୟରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ୩ଟି ଏଲପିଜି ସିଲିଣ୍ଡରର ବ୍ୟବସ୍ଥା ହୋଇଥିବା ବେଳେ ଓଡ଼ିଶାକୁ କରୋନା ସମୟରେ ୪୪୦ କୋଟି ଟଙ୍କା ବ୍ୟୟରେ ୬୮.୭୯ ଲକ୍ଷ ଏଲପିଜି ସିଲିଣ୍ଡର ଦିଆଯାଇଛି। ରାଜ୍ୟର ୮୫.୨୦ ଲକ୍ଷ ଜନଧନ ଆକାଉଂଟଧାରୀ ମହିଳାଙ୍କୁ ୧୨୫୮.୨୦ କୋଟି ଟଙ୍କା ବ୍ୟାଙ୍କ ଆକାଉଂଟକୁ ଟ୍ରାନ୍ସଫର କରାଯାଇଛି । ଜାତୀୟ ସାମାଜିକ ସୁରକ୍ଷା ଭତା (ଏନଏସଏପି)ର ଯୋଜନାରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ବିଧବାଙ୍କ ପାଇଁ ୧ ହଜାର ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ ରାଜ୍ୟରେ ଥିବା ୨୦.୨୭ ଲକ୍ଷ ହିତାଧିକାରୀଙ୍କୁ ୨୦୨.୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡିଶାରେ ମିଶନ ଇନ୍ଦ୍ରଧନୁଷରେ ୩.୮ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଏବଂ ୧.୧୦ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟୀକାକରଣ କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବେଟି ବଚାଓ, ବେଟି ପଢାଓ ଭଳି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି । ଶିଶୁ କନ୍ୟାଙ୍କ ସୁରକ୍ଷା ପାଇଁ ୯.୪୮ ଲକ୍ଷ ଆକାଉଂଟ ସୁକନ୍ୟା ସମୃଦ୍ଧି ଯୋଜନାରେ ଖୋଲାଯାଇଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପେଣ୍ଡରାବନ ପଚାଂୟତରେ ହାତୀପଲଙ୍କ ଦୌରାତ୍ମ୍ୟ

## ବ୍ୟାପକ ଫସଲ ଦଳିଚକଟି ନଷ୍ଟ କଲେ : ଘର ଭାଙ୍ଗିଲେ

ନୂଆପଡ଼ା,୨୮।୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ ଅଂଚଳରେ ହାତୀ ପଲଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଏହି ୨୭ ଟିକିଆ ହାତୀପଲ ବଲାଙ୍ଗିର ତୁରେଇକେଲା ଅଂଚଳରୁ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ ଅଂଚଳକୁ ପଶି ଆସିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି । ଏହି ବ୍ଲକ୍ ଅନ୍ତର୍ଗତ ପେଣ୍ଡରାବନ ପଚାଂୟତର ଝିକିଡ଼ୋଙ୍ଗରୀ ଓ ଧରମ ସାଗର, ପାନ୍ଦିଲିବାହେଲି ଆଦି ଗ୍ରାମରେ କିଛି ଲୋକଙ୍କ ଘର ଭାଙ୍ଗିବା ଓ ବ୍ୟାପକ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ହାତୀ ଭୟରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହାତୀ ଘଉଡାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରୀ ରହିଛି। କ୍ଷୟକ୍ଷତିର ଆକଳନ କରାଯିବା ସହ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି କୋମନା ରେଞ୍ଜର । ଏନେଇ ଅଧିକ ସୂଚନା ଦେଇ କୋମନା ରେଞ୍ଜର ଜଗଦିଶ ଚନ୍ଦ୍ର ଦୁରିଆ କହିଛନ୍ତି ଯେ, ହାତୀ ମାନଙ୍କର ସୁରକ୍ଷା ଓ ଲୋକଙ୍କ ଧନ ଜୀବନର ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯାଉଛି । ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯିବାର ସହ ସେମାନଙ୍କୁ ଘଉଡାଇବା କାର୍ଯ୍ୟ ଜାରୀ ରହିଛି ।

## ରାଜଧାନୀରେ ଫିଟ ଇଣ୍ଡିଆ ସାଇକ୍ଲୋଥନ୍

ଭୁବନେଶ୍ୱର,୨୮।୧୨ (ନି.ପ୍ର): ସ୍ମାର୍ଟ ସିଟି ଭୁବନେଶ୍ୱର ଓ ବିଏମସି ପକ୍ଷରୁ ରାଜଧାନୀରେ ଫିଟ ଇଣ୍ଡିଆ ସାଇକ୍ଲୋଥନ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଏହି ସାଇକ୍ଲୋଥନ ଏକାମ୍ର ପ୍ଲାଜା ଶିଶୁଭବନ ଛକରୁ ବାହାରି ଶିଖରଚଣ୍ଡୀ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପାଖାପାଖି ୩୦୦ ଜଣ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ। ଅର୍ଜୁନ୍ ପୁରସ୍କାର ପ୍ରାପ୍ତ ସାଇକେଲ ଚାଳିକା ଶ୍ରୀମତୀ ମିନତୀ ମହାପାତ୍ର ଏବଂ ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ପତାକା ଦେଖାଇ ଏହି ମାରଥନକୁ ଶୁଭାରମ୍ଭ କରିଥିଲେ। ସାଇକ୍ଲିଙ୍ଗକୁ ଆମେ ପ୍ରମୋଟ କରୁଛୁ ଓ ଆଗକୁ ମଧ୍ୟ ପ୍ରମୋଟ କରାଯିବ ବୋଲି ଏହି ଅବସରରେ ବିଏମସି କମିଶନର କହିଛନ୍ତି।

## ପୋଖରୀରେ ବୁଡି ୭ ବର୍ଷର ବାଳକ ମୃତ୍ୟୁ

ଧର୍ମଶାଳା,୨୮।୧୨ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧିନସ୍ଥ ଅଚ୍ୟୁତବସନ୍ତ ଗ୍ରାମରେ ଅଘଟଣ । ଜଣେ ୭ ବର୍ଷର ବାଳିକ ପୋଖରୀରେ ବୁଡି ପ୍ରାଣ ହରାଇଥିବା ଜଣାପଡିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ମୃତ ବାଳକ ଜଣକ ହେଲେ ଏହି ଗ୍ରାମର ମୃତ୍ୟୁଞ୍ଜୟ ରାୟଙ୍କୁ ପୁଅ ଚିରଞ୍ଜିବ ବୋଲି ଜଣାପଡିଛି । ସୂଚନା ମୁତାବକ ଚିରଞ୍ଜିବ ଘର ପାଖରେ ଖେଳୁ ଥିବା ସମୟରେ ଅସାବଧାନତା ହେତୁ ଗୋଡ ଖସି ଯିବାରୁ ସେ ପୋଖରୀ ପଡିଯାଇ ବୁଡିଯାଇଥିଲେ । ପରିବାର ଓ ସ୍ଥାନୀୟ ଲୋକେ ବହୁ ଖୋଜା ଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ପଣସାପୁର ମେଡିକାଲ ଓ ପରେ ମାହାଙ୍ଗା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବାଲିଚନ୍ଦ୍ରପୁର ପୋଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିବା ନେଇ ପୋଲିସ ସୂଚନା ଦେଇଛି ।

## କଳା ପ୍ରଦର୍ଶନ ସହ କଳାକାରଙ୍କ ଅଭିନବ ପ୍ରତିବାଦ

କେନ୍ଦ୍ରାପଡ଼ା,୨୮।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କୋର ପଂଚାୟତ ର ଅଭିନବ ଉପାୟରେ ପ୍ରଶାସନ ନିକଟରେ ସେମାନଙ୍କର ପ୍ରତିବାଦ ଉପସ୍ଥାପନ କରିଛନ୍ତି । ପଂଚାୟତ ର ସଂର୍କିତନ ମଣ୍ଡଳୀ, କଣ୍ଢେଇ ନାଚ, ପାଲା ଓ ଦାଶକାଠିଆ ପରିବେଷଣ କରି ଜୀବିକା ନିର୍ବାହ କରୁଥିବା କଳାକାର ମାନେ ସ୍ଥାନୀୟ ନିମ୍ବ ଦାରୁ ଠାକୁରାଣୀଙ୍କ ନିକଟରେ ସେମାନଙ୍କର କଳା ପ୍ରଦର୍ଶନ କରି ଦାବି ଉପସ୍ଥାପନ କରିଥିଲେ । ପଂଚାୟତରେ ଥିବା ଶତାଧିକ କଳାକାର କରୋନା ପ୍ରଭାବରେ ଜୀବିକା ହରାଇ ଅଭାବ ଅନଟନ ମଧ୍ୟରେ କାଳ କାଟୁଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ଯୋଗାଇ ଦିଆଯାଇ ନାହିଁ । କିଛି କଳାକାର ବୃତି ହରାଇ ଛୋଟଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏ ସଂପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇ ଥିଲେ ମଧ୍ୟ ପ୍ରଶାସନ କୌଣସି ପ୍ରତିକାର କରିନାହିଁ । ଫଳରେ କଳାକାର ସଂଘର କାଶିନାଥ ରାଉତ, ଅଖିଳ କୁମାର ଦାସ, ଗଗନ ବିହାରୀ ସିଂହ, ଅଶୋକ ଦାସ, ମଳୟ ସାହୁ ପ୍ରମୁଖ ୧୦ଗୋଟି କଳାକାର ସଂଗର କର୍ମକର୍ତା ମାନେ ପ୍ରତିବାଦ କରି କଳା ପରିବେଷଣ କରିଥିଲେ ।

## ସୁଶାନ୍ତଙ୍କୁ ଅଟଳ ସମାଜସେବୀ ସମ୍ମାନ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଭୁବନେଶ୍ୱର ପୋଖରୀପୁଟ ଅଂଚଳରେ ରହୁଥିବା ଯୁବ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କୁ ଚଳିତବର୍ଷ ଅଟଳ ସମାଜସେବୀ ସମ୍ମାନ-୨୦୨୦ ପ୍ରଦାନ କରାଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୬ତମ ଜନ୍ମ ଦିବସ ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାଜସେବା କ୍ଷେତ୍ରରେ ନିଜକୁ ୨୬ ବର୍ଷ ଧରି ନିୟୋଜିତ କରି ନିଃସ୍ୱାର୍ଥପର ରୂପେ ସେବା କାର୍ଯ୍ୟ ଶ୍ରୀ ସାହୁ ଜାରି ରଖିଛନ୍ତି। ଏହା ପୂର୍ବରୁ ସୁଶାନ୍ତ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଯୁବ ପୁରସ୍କାର, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଯୁବ ପୁରସ୍କାର, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲା ଯୁବ ପୁରସ୍କାର ଦ୍ୱାରା ସମ୍ମାନିତ। ୨୦୧୧ରେ ଇଣ୍ଡୋନେସିଆ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଭାରତ ପକ୍ଷରୁ ସୁଶାନ୍ତ ପ୍ରତିନିଧିତ୍ୱ କରିଥିଲେ। ସେଥି ମଧ୍ୟରୁ ସୁଶାନ୍ତ ଥିଲେ ଏକମାତ୍ର ଓଡ଼ିଆ। ଅସହାୟ, ନିରାଶ୍ରୟ ରୋଗୀମାନଙ୍କ ସେବା ସହ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା କନ୍ଦଳେଇ ଆଦିବାସୀପଲ୍ଲୀର ବିକାଶ ନେଇ ଅଦ୍ୟାବଧି କାର୍ଯ୍ୟ ଜାରି ରଖିଛନ୍ତି। ଏତଦ୍ ସହ ପରିବେଶ ସୁରକ୍ଷା ପାଇଁ ସିଡ୍‌ବଲ ମାଧ୍ୟମରେ ସହଜରେ କିପରି ବ୍ୟାପକ ବନୀକରଣ କରାଯାଇପାରେ ସେ ସମ୍ପର୍କରେ ସେ ଓଡ଼ିଶାରେ ସଚେତନତା କାର୍ଯ୍ୟକ୍ରମର ପ୍ରଥମେ ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପୁରୀ ବିଜେପି ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରକାଶ ସୋରେନ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନାନନ୍ଦ ତ୍ରିପାଠୀ, ଜଗନ୍ନାଥ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଅନୁ ଚୌଧୁରୀ, ସାଂସ୍କୃତିକ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ପଂଚାନନ ନାୟକ, ସଂଗୀତକାର ମନ୍ମଥ ମିଶ୍ରଙ୍କ ସମେତ ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓଦାଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ଧର୍ମଶାଳା,୨୮।୧୨ (ନି.ପ୍ର): ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ପଂଚାୟତ କାର୍ଯ୍ୟାଳୟ ପରିସରରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଯୁବ ନେତା ଅରୁଣ କୁମାର ମଲିକଙ୍କ ସଭାପତିତ୍ୱରେ ବିଜୁ ଜନତା ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ । ନାବନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ସାହୁ,ଝରି ମଲିକ,ଭୀମସେନ ସାହୁ,ଦାମୋଦର ମଲିକ, ଭରତ ସାହୁ, ଚନ୍ଦ୍ରମଣୀ ମଲିକ, ବିନୋଦ ମଲିକ, ନନ୍ଦକିଶୋର ମଲିକ, ନାରାୟଣ ମଲିକ ପ୍ରମୁଖ ଯୋଗ ଦେଇ ଆଂଚଳିକ ଦଳଭାବେ ବିଜେଡି ୧ ନଂ ଦଳ ବୋଲି ମତ ପ୍ରକାଶ କରିଥିଲେ । ଶେଷରେ ଚନ୍ଦ୍ରମଣୀ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୀତାରାମ ସେବା ସମିତି ପକ୍ଷରୁ କମ୍ବଳ ବଂଟନ

କୋରେଇ,୨୮।୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତ ଧନପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୀତାରାମ ସେବା ସମିତି ପକ୍ଷରୁ ବିଭିନ୍ନ ଗ୍ରାମର ଅସହାୟ, ଗରିବ ଓ ଅସୁସ୍ଥ ବ୍ୟକ୍ତିଙ୍କୁ କମ୍ବଳ ବଂଟନ କରାଯାଇଛି । ବର୍ତମାନ ପ୍ରବଳ ଶୀତରୁ ନିରାଶ୍ରୟ ଲୋକ ସାମୟିକ ଆଶ୍ୱସ୍ତି ପାଇଁ ଏଭଳି ପ୍ରୟାସ କରାଯାଇଛି । ସଂଗଠନ ପକ୍ଷରୁ ଧନପୁର, ଆଲିଆ, ନୂଆପଦା, ମହମ୍ମଦ ଜମାଲପୁର, ବେଗନା, ମୃତ୍ୟୁଞ୍ଜୟପୁର, ଓଟିନ୍ଦା, ଆଲଡ଼ା, ଫର୍ଟିପୁର ଆଦି ଗ୍ରାମର ୬୧ଜଣ ନିରାଶ୍ରୟ ବ୍ୟକ୍ତିଙ୍କୁ କମ୍ବଳ, ସାଇନଟାଇଜ ଓ ମାକ୍ସ ବଂଟନ କରାଯାଇଥିଲା । ସୀତାରାମ ସେବା ସମିତିର ପ୍ରତ୍ୟକ୍ଷ ତତ୍ୱାବଧାନରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରେଇ ପ୍ରେସ କ୍ଲବର ସଭାପତି ସାମ୍ବାଦିକ ସୁବାସ ଧଳ, ସମ୍ମାନୀତ ଅତିଥିଭାବେ ସମାଜସେବୀ ପ୍ରଫୁଲ୍ଲ ବଳ, ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଜେନା ପ୍ରମୁଖ ଯୋଗ ଦେଇ କମ୍ବଳ ବଂଟନ କରିଥିଲେ। ସମିତି ପକ୍ଷରୁ ଯୁଧିଷ୍ଠିର ସାହୁ, ନାରାୟଣ ସାହୁ, ସୁଧିର ବିଶ୍ୱାଳ, ପ୍ରମୋଦ କୁମାର ସ୍ୱାଇଁ. ଆନନ୍ଦ ବେହେରା, ସୁଧାଂଶୁ ଶେଖର ସାହୁ, ପ୍ରିୟବ୍ରତ ମାଝୀ, ଦିଲ୍ଲୀପ କୁମାର ବେହେରା, ରାମେଶ୍ୱର ସାହୁ, ଚକ୍ରଧର ବେହେରା, ଶ୍ୟାମସୁନ୍ଦର ପରିଡ଼ା, ମଧୁସୂଦନ ବାରିକ, ଗୋବିନ୍ଦ ସାହୁ, ପଂଚାନନ ସେଠୀ, ଦଶରଥ ସାହୁ, ପ୍ରଳୟ ସାହୁ, ବିଭୂତି ଭୂଷଣ ଉପାଧାୟ, ବିଭୂତି ଭୂଷଣ ସାହୁ, ସରୋଜ ସ୍ୱାଇଁ, ପ୍ରମୋଦ ବୋଇତାଇ, କୃଷ୍ଣଚନ୍ଦ୍ର ପାଢ଼ୀ, ବିନୟ ମହାରଣା, ପ୍ରମୋଦ ସାହୁ, ବିଶ୍ୱ ମୋହନ ବେହେରା, ବିଶ୍ୱଜିତ୍ ବୋଇତାଇ, ସୋମ୍ୟରଞ୍ଜନ ସାହୁ, ସୁରେଶ ମଲ୍ଲିକ, କମଳ ସାହୁ, ପ୍ରଦୀପ ସ୍ୱାଇଁ, ନାରାୟଣ ବୋଇତାଇ, ପ୍ରଦୀପ ବୋଇତାଇ, ବିଜୟ ପରିଡ଼ା, ପ୍ରଦୀପ ଦାସ, ଏକନ ସେଠୀ, ଅସିତ କୁମାର ସାହୁଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, କାର୍ତିକ ଚନ୍ଦ୍ର ସାହୁ, ରବୀନ୍ଦ୍ର ମିଶ୍ର, ନିତ୍ୟାନ୍ଦ ବାରିକ, ପଂଚାନନ ବେହେରା, ଅନୀଲ ବୋଇତାଇ, ଅକ୍ଷୟ ସାହୁ, ପ୍ରଦୀପ ପାଢ଼ୀ, ବଳରାମ ସାହୁ, ରବି ନାରାୟଣ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂଘର୍ଷ ବିନା ଜୀବନ ମୂଲ୍ୟହୀନ:ଭବାନୀ ମହାପାତ୍ର

## ଇଲେକ୍ଟ୍ରିସିଆନ୍ ସଂଘର୍ ସପ୍ତମ ବାର୍ଷିକ ଉତ୍ସବ

ଭଦ୍ରକ, ୨୮ ଡିସେମ୍ବର (ହି.ସ.) - ସଂଘର୍ଷ ବିନା ଜୀବନର ମାନେ କିଛି ନାହିଁ। କିନ୍ତୁ ନିଜ ଜୀବନକୁ ବାଜି ଲାଗାଇ ଯେଉଁ ଇଲେକ୍ଟ୍ରିସିଆନମାନେ ଆମକୁ ଜରୁରୀ ସମୟରେ ଅନ୍ଧକାରରୁ ମୁକ୍ତି ଦେଇ ଆଲୋକ ପ୍ରଦାନ କରିଥାନ୍ତି ସେମାନଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ। ସେମାନଙ୍କ ସଂଘର୍ଷମୟ ଜୀବନରେ ଈଶ୍ୱର ଆଲୋକ ଭରି ଦିଅନ୍ତୁ ବୋଲି ଜିଲ୍ଲା ଇଲେକ୍ଟ୍ରିସିଆନ ସଂଘର ୭ମ ବାର୍ଷୀକ ଉତ୍ସବ ଓ ବନ୍ଧୁ ମିଳନ ଉସବବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସଂଘର ସଭାପତି ବସନ୍ତ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଲବମ ଷ୍ଟାର ଅଭିଜିତ ମୁଖାର୍ଜୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭବାନୀ ମହାପାତ୍ର ଯୋଗଦେଇଥିଲେ। ଶ୍ରୀ ମହାପାତ୍ର ନିଜ ଜୀବନରେ କରୋନା ସମୟରେ ସମଗ୍ର ଦୋବାସୀଙ୍କ ଯନ୍ତ୍ରଣାଦାୟକ ଜୀବନ ଶୈଳୀ ଉପରେ ବକ୍ତବ୍ୟ ରଖିବା ସହ ଏହି ସମୟରେ ଇଲେକ୍ଟ୍ରିସିଆନମାନଙ୍କର ଭୂମିକାର ଗୁରୁତ୍ୱ କ'ଣ ଥିଲା, ତାହା ସମସ୍ତେ ଅନୁଭବ କରିଛନ୍ତି। ସମଗ୍ର ଦେଶ ଠପ ହୋଇଯାଇଥିବାବେଳେ, ସେମାନେ ନିଜ କର୍ତବ୍ୟ ସମ୍ପାଦନ କରି ଚାଲିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ହେମନ୍ତ ସ୍ୱାଇଁ, ରାମକଷ୍ଟ ପୃଷ୍ଟି, ଶ୍ରାବଣୀ କିନ୍ନର, ଉପଦେଷ୍ଟା ଶ୍ରୀକାନ୍ତ ପଣ୍ଡା, ନରେଶ ଗୁପ୍ତା, ସପନ ନାୟକ, ରମେଶ ଗୁପ୍ତା, ଆଶିଶ ଫୋଗଲା, ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ରଂଜନ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ରଖିବା ସହ ସଂଯୋଜନା କରିଥିଲେ। ସଭାପତି ଆଶୁତୋଷ ନନ୍ଦଙ୍କ ପ୍ରତ୍ୟେକ୍ଷ ତ୍ୱବଧାନରେ ଏହି ଉତ୍ସବରେ କଳାକାର ଚକ୍ରଧର ନାୟକ, ପ୍ରିୟା କିନ୍ନରଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜାଦ୍ ହିନ୍ଦ୍ ବାହିନୀର ୪ ଦିନିଆ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଆଜାଦ୍ ହିନ୍ଦ୍ ବାହିନୀ, ଓଡ଼ିଶା ଶାଖା କମିଟିକୁ ପୁନଃଗଠିତ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଅଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବକ-ଯୁବତୀ, ଛାତ୍ରଛାତ୍ରୀଙ୍କୁ ନେଇ ଗତ ଡ଼ିସେମ୍ବର ୨୪ ତାରିଖରୁ ଆରମ୍ଭ ହୋଇଥିବା ଏକ ପ୍ରଶିକ୍ଷଣ ଶିବିର ଆଜି ୨୭ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଆଲୋଚକ ଭାବରେ ବରିଷ୍ଠ ପିରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ସ୍ତମ୍ଭକାର ତୁଷାରକାନ୍ତ ଶତପଥି, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, କବି, ଲେଖକ ତଥା ସମାଲୋଚକ କେଦାର ମିଶ୍ର, ଅଗ୍ରଗାମୀ କିଷାନ ସଭାର ରାଜ୍ୟ ଉପସଭାପତି ପର୍ଣ୍ଣଚନ୍ଦ୍ର ପାଢ଼ୀ, ସଂଗୀତଜ୍ଞ ସ୍ୱାତୀମୁକ୍ତା ପ୍ରମୁଖ ଆଲୋଚକ ଭାବରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆଜାଦ୍ ହିନ୍ଦ୍ ବାହିନୀର ରାଜ୍ୟ ଅଧକ୍ଷ ଜ୍ୟୋତି ରଂଜନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଚାରି ଦିନିଆ କର୍ମଶାଳାରେ ସର୍ବଶ୍ରୀ ପ୍ରଦୀପ ଦାସ, ରତିକାନ୍ତ ପରିଡ଼ା, ସୁଶିଲ ଥାନପତି, ଗାୟତ୍ରୀ ନାଏକ, ଜଗନ୍ନାଥ ମହାନନ୍ଦା, ଦେବାଶିଷ ମହାରଣା, ବିମଳା ନାଏକ, ଅଲିଭା ନାଏକ, ମୃତ୍ୟୁଞ୍ଜୟ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ଯୁବକ-ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିବା ସହିତ ନେତାଜୀଙ୍କ ପ୍ରଦର୍ଶିତ ମାର୍ଗରେ ରାଜ୍ୟ ତଥା ଦେଶର ଯୁବକ-ଯୁବତୀମାନଙ୍କୁ ସାମିଲ କରାଇ ଅଭିଯାନକୁ ସଶକ୍ତ କରିବା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ।

## ଭିଜିଲାନ୍ସ ତଦନ୍ତରେ ଥିବା ସରପଂଚ ଓ ନିର୍ବାହୀ ଅଧିକାରୀଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର ଦାବି

କେନ୍ଦ୍ରାପଡ଼ା,୨୮।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଗ୍ରାମ ପଂଚାୟତର ସରପଂଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଚାଲିଥିବା ବେଳେ ତାଙ୍କ ଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର ଦାବି କରାଯାଇଛି । ସମିତି ସଭ୍ୟ ଅନ୍ନଦା ପ୍ରସାଦ ତ୍ରିପାଠୀ ଏନେଇ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି । ଦାବି ମୁତାବକ ୨୦୧୭-୧୮ ଆର୍ଥିକ ବର୍ଷ ଠାରୁ ପଂଚାୟତର ଉନ୍ନତି ମୂଳକ କାର୍ଯ୍ୟର ଅର୍ଥ ରାଶିକୁ ମନମୁଖୀ ଭାବେ ପଂଚାୟତ ରେ ଖର୍ଚ୍ଚ କରିବା ଅଭିଯୋଗ କରାଯାଇ ଥିଲା । ଏହି ଅଭିଯୋଗ କୁ ନେଇ କଟକ ଡିଭିଜନ ଭିଜିଲାନ୍ସ ଏସପିଙ୍କୁ ଏଫେୟାର ଦିଆଯିବା ସହ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ସିଆରଏଲଏମପି ନଂ-୧୩୧୧/୨୦୨୦ ରେ ତାଙ୍କ ବିରୋଧରେ ଦୁର୍ନିତି ମାମଲା ଦାଏର କରାଯାଇ ଥିବାରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ୮.୧୨.୨୦୨୦ ରେ ସରପଂଚ ଓ ପଂଚାୟତ ଅଧିକାରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ପଂଚାୟତ ର ସରପଂଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର ଦାବି କରାଯାଇଛି ।

## ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ତରଫରୁ ଜାତୀୟ ମହିଳା ଓ ଶିଶୁ ଅଧିକାର ସମ୍ମିଳନୀ




ଭୁବନେଶ୍ୱର,୨୮।୧୨ (ନି.ପ୍ର): ଷ୍ଟେଟ୍ ପ୍ରୋଗ୍ରେସିଭ୍ ଓ୍ୱିମେନ୍ସ ଫୋରମ ତରଫରୁ ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ (ଆଇଏମ୍ଏ) କନ୍‌ଫରରେନ୍ସ ହଲ ଭୁବନେଶ୍ୱରଠାରେ 'ମହିଳା ଓ ଶିଶୁ ଅଧିକାର ଜାତୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରରୁ ବହୁ ବିଜ୍ଞ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ। ଫୋରମର ଅଧକ୍ଷା ମମତା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଲୋକସଭା ସାଂସଦ ଜୁଏଲ ଓରାମ, ଡଃ ଅଚ୍ୟୁତ ସାମନ୍ତ, ବିଧାୟକ ଶଶୀଭୂଷଣ ବେହେରା, ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ରାଜ୍ୟସଭା ସାଂସଦ ସୁବାସ ସିଂ, ମହିଳା କମିଶନର ମିନତୀ ବେହେରା, ପୂର୍ବତନ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ ପ୍ରମୁଖ ଯୋଗଦାନ କରିଥିଲେ। ଏହା ବିଶେଷଭାବେ ଜଣାକଥା ଯେ, ଆମ ଦେଶ ଓ ରାଜ୍ୟରେ ମହିଳାମାନଙ୍କ ସ୍ଥିତି ଉପଯୁକ୍ତ ସ୍ତରର ନୁହେଁ। ସେମାନଙ୍କର ଅବହେଳା, ପ୍ରବଞ୍ଚନା, ପୀଡ଼ନର ସମ୍ବାଦ ବହୁ ସମୟରେ ଆସୁଛି। ଶାସନ ପ୍ରଶାସନ ତଥା ନାଗରିକ ସମାଜ ଏ ଦିଗରେ ଅଧିକ ସମ୍ବେଦନଶୀଳ ଓ କ୍ରିୟାଶୀଳ ହେବାର ଆବଶ୍ୟକତା ଆମେ ସମସ୍ତେ ଅନୁଭବ କରୁଥାଏଁ। ଅନ୍ୟପକ୍ଷରେ ମହିଳାମାନେ ଯାବତୀୟ ଅଧିକ ସଂଗଠିତ ହୋଇ ସମୂହଶକ୍ତି, ଦାବୀ ଉପସ୍ଥାପନ, ନୀତିଗତ ଓକିଲାତି ଓ କାର୍ଯ୍ୟକୌଶଳଗତ ମୂଲଗ୍ଭଲ ଜରିଆରେ ହକ୍ ହାସଲର ଉଦ୍ୟମ କରିବା ମଧ୍ୟ ଦରକାର। ଏହା ପୁଣି ନିରନ୍ତରଭାବେ ହେବା ଆବଶ୍ୟକ। ପ୍ରମୁଖ ବିଦ୍ୟାପୀଠ/ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ବୁଦ୍ଧିଜୀବୀ, ଗଣମାଧ୍ୟମଙ୍କର ମଧ୍ୟ ଏ ଦିଗରେ ସମର୍ଥନ ଓ ସହଯୋଗ ଜରୁରୀ। କାରଣ ଏହା ମହିଳା ସପକ୍ଷ କାର୍ଯ୍ୟ ମାତ୍ର ନୁହେଁ, ଏହା ଏକ ବୃହତ୍ତର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଆମ୍ ପରିଚୟରେ କହିବୁ ଯେ ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଏକ ରାଜ୍ୟସ୍ତରୀୟ ମହିଳା ମଞ୍ଚ ଯାହା ପ୍ରଧାନତଃ ମହିଳା ଓ ଶିଶୁ ଅଧିକାର ସାବ୍ୟସ୍ତ କରିବା ପାଇଁ କାର୍ଯ୍ୟ କରିଥାଏ। ଏହି ସଂଗଠନ କୌଣସି ପ୍ରକାର ପ୍ରୋଜେକ୍ଟ ବେସ କିମ୍ବା ଆର୍ଥିକ ଅନୁଦାନ ଉପରେ କାମ କରେନାହିଁ। କେବଳ ଅଧିକାର ରାଇଟ ବେସ୍‌ରେ ସେବା ଯୋଗ୍ୟ ଆମ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କ୍ରିୟାଶୀଳ ମହିଳା ସ୍ୱୟଂ ସହାୟକ ଦଳ, ମହିଳା ଓ ଶିଶୁ ଅଧିକାର କର୍ମୀ, ଅଗ୍ରଣୀ ମହିଳା ଉଦ୍ୟୋଗୀ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କ ସଭ୍ୟପଦ ଓ ସହଯୋଗ ଥାଇ ଏକ ବୃହତ ମଞ୍ଚ ହେଉଛି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱମେନ୍ସ ଫୋରମ। ଆମେ ଜାଣୁ ଯେ ସରକାରୀ ବେସରକାରୀ ନିର୍ବିଶେଷରେ ବବିଧସ୍ତରରେ କିଛି ସମାଧାନ ନହେଲେ ମଧ୍ୟ ବିଭିନ୍ନ ସମୟରେ ମହିଳା ସମସ୍ୟା ସାମ୍ନାକୁ ଆସୁଛି। ବ୍ୟକ୍ତିଗତ ଭାବରେ ବିଗ୍ଭରାଳୟରେ ଏବଂ ପ୍ରଶାସନିକସ୍ତରରେ କିଛି ପ୍ରତିକାରମୂଳକ ପ୍ରକ୍ରିୟା ଗ୍ଭଲିଥିଲେ ମଧ୍ୟ, ତାହା ସମାଧାନର ବାଟ ବାହାରିପାରୁନି। ନ୍ୟାୟ ଅଧିକାରରୁ ବଞ୍ଚିତ ଏପରିକି ନିର୍ଯ୍ୟାତିତ ଅବସ୍ଥାରେ ବହୁମହିଳା ଅଛନ୍ତି। ପୁଣି କନ୍ୟାଭ୍ରୁଣ ଠାରୁ ଆରମ୍ଭ କରି ଜନ୍ମ ସୁରକ୍ଷା ଓ ପାଳନ, ଶିକ୍ଷା ଓ ଦକ୍ଷତା ବିକାଶ ସର୍ବୋପରି ସାମାଜିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପ୍ରତ୍ୟେକ ମହିଳା ମାନଙ୍କର ମୌଳିକ ଅଧିକାର ଯାହାର ବାସ୍ତବ ରୂପାୟନ ନିଶ୍ଚିତ ଏକ ରାଷ୍ଟ୍ରୀୟଦାୟ। ଏଥିରେ ସମ୍ବିଧାନ, ସରକାର, ଶିକ୍ଷିତବର୍ଗ, ବୃହତ୍ତର ସମାଜ ଏବଂ ଏହା ଅର୍ନ୍ତଗତ ସମସ୍ତ ସଂଗଠନ, ସମସ୍ତ ଅଂଶୀଦାର ବା ଷ୍ଟକ ହୋଲଡ଼ର। ଏହି ଦିଗରେ କିଛି ପ୍ରକ୍ରିୟା ଉଦ୍ୟମରେ ଆମେ ଭାଗିଦାର ହେବାର ଆବଶ୍ୟକତା ରହଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦାନ କରିଥିଲେ।

# ପିଲାଙ୍କ କ୍ରୋଧର କାରଣ

ଛୋଟବେଳୁ ସାଧାରଣତଃ ପିଲାମାନେ ଶାନ୍ତ ସ୍ୱାଭାବର ହେଉଥାନ୍ତି । କିନ୍ତୁ ପରିବେଶ ଏବଂ ବାତାବରଣ ସହିତ ମିଶି ସେମାନେ ଚିଡ଼ା ସ୍ୱାଭାବର ହୋଇପଡ଼ିଥାନ୍ତି । ପିଲାମାନେ ଛୋଟବେଳୁ ଖୁବ ଜିଦ୍‌ଖୋର ସ୍ୱାଭାବର ହୋଇଥାନ୍ତିତ । ଏହି ଜିଦ୍ କ୍ରୋଧରେ ପରିଣତ ହୋଇଥାଏ । ବିନା କାରଣରେ ଉତ୍ତେଜିତ ହୋଇ ଚିଲାଇବା ହାତ ଉଠାଇ ମାରିବା ଏବଂ ଚିଡ଼ଚିଡ଼ାର ହେବା ପଛରେ କିଛି ନା କିଛି କାରଣ ନିହାତି ରହିଥାଏ । ଯାହାପିଲାର ମା ବାପା ପକ୍ଷେ କଷ୍ଟକର ହୋଇପଡ଼ିଥାଏ । ତେବେ ଚାଲନ୍ତୁ ଜାଣିବା କଣ ହୋଇପାରେ ଏହି କ୍ରୋଧର କାରଣ...



କୌଣସି ପିଲାକୁ ଅନ୍ୟ ପିଲା ସହ ତୁଳନା ନାହିଁ ଏପରି କରିବା ଦ୍ୱାରା ସେମାନେ ଦୁର୍ବଳ ଭାବି ଅନେକ କଥା ଚିନ୍ତା କରନ୍ତି । ଏବଂ ପ୍ରତିକଥାରେ ଚିଡ଼ଚିଡ଼ା ହୋଇଉଠନ୍ତି ।

ପିଲାଟି ଚାହୁଁଥିବା ଜିନିକୁ ସହଜରେ ପାଇଲେ କ୍ରୋଧ କରିବା ଆରମ୍ଭ କରିଦିଅନ୍ତି । ଟିଭିରେ ଅଧିକାଂଶ ସମୟରେ ହିଂସାତ୍ମକ ଧାରାବାହିକ ଦେଖିବା ଦ୍ୱାରା ପିଲାଙ୍କ ମାନସିକତାରେ ପରିବର୍ତ୍ତନ ଆସିଥାଏ । ପିଲାମାନେ ଏକୁଟିଆ ରହିଲେ ବିରକ୍ତି ଭାବ ପ୍ରକାଶ କରିଥାନ୍ତି ।

ଛୋଟ ପିଲାଙ୍କୁ ପାଠ ଅପେକ୍ଷା ଖେଳ ବା ଅନ୍ୟ କାର୍ଯ୍ୟରେ ନିୟୋଜିତ କରାନ୍ତୁ । ପାଠରେ ସାଧାରଣତଃ ସେମାନେ ବିରକ୍ତି ଭାବ ପ୍ରକାଶ କରିଥାନ୍ତି ।

ପିଲାଙ୍କ ସବୁ ଜିଦ୍‌କୁ ଶୁଣନ୍ତୁ ନାହିଁ ଜିଦ ହେବା ଦ୍ୱାରା ସେମାନେ କେବେ ନ ଶୁଣିବାକୁ ପସନ୍ଦ କରନ୍ତି ନାହିଁ । ଜିଦ ପୁରା ହେବା ଦ୍ୱାରା ସେମାନେ ବିରକ୍ତି ଭାବ ପ୍ରକାଶ କରିଥାନ୍ତି ।

ପିଲାଙ୍କ ସବୁ ଜିଦକୁ ଶୁଣନ୍ତୁ ନାହିଁ । ଜିଦ୍ ପୁରା ହେବା ଦ୍ୱାରା ସେମାନେ କେବେ ନ ଶୁଣିବାକୁ ପସନ୍ଦ କରନ୍ତି ନାହିଁ । ଏହି ସବୁ କାରଣ ହେତୁ ପିଲାଟି ସ୍ୱାଭାବରେ କ୍ରୋଧି ହୋଇଥାଏ । ଏହାଛଡ଼ା ପିଲାଟି କେଉଁ ପରିବେଶରେ ବଢ଼ୁଛି ସେଥିପ୍ରତି ଧ୍ୟାନ ଦେବା ଦରକାର । ପିଲାଟି ଗତିବିଧି ଉପରେ ଧ୍ୟାନ ରଖନ୍ତୁ । କେଉଁପ୍ରକାରର ସାଙ୍ଗ ସାଥୀ ସହ ମିଶୁଛି । ଛୋଟ ପିଲାଙ୍କ ସହ ସବୁବେଳେ ସ୍ନେହର ସହ ମିଶନ୍ତୁ । କାରଣ ସ୍ନେହରେ ସେମାନେ ସବୁକଥା କାର୍ଯ୍ୟ ମାନିବାକୁ ରାଜି ହୋଇଛନ୍ତି ଏବଂ ନିଜର ସବୁ ଦୁଃଖ କଷ୍ଟ ଅସୁବିଧା ସମ୍ପର୍କରେ ସତସତ କହିଥାନ୍ତି । ପିଲାମାନଙ୍କ ଠାରେ ଥିବା ଉତ୍ସାହ ଓ କାର୍ଯ୍ୟକଳାପକୁ ଠିକ୍ ଭାବେ ବିନିଯୋଗ କରିବା ଆବଶ୍ୟକ ନଚେତ୍। ଏହା ହିଂସା କ୍ରୋଧ ଓ ଅକ୍ରୋଶ ଆଦିର ରୂପ ନେଇଥାଏ । ପିଲାଟି ମଧ୍ୟରେ କ୍ରୋଧ ବିରକ୍ତି ଭାବ ପ୍ରକାଶ ପାଇଥିଲେ । ଏଥିପାଇଁ ସେ ନୁହେଁ ବରଂ ତା ପରିବେଶ ବାତାବରଣ ଏବଂ ପରିବାର ବର୍ଗ ଦାୟୀ ।



## ସ୍ୱାସ୍ଥ୍ୟକର କଳାଜିରା

କଳାଜିରା କେବଳ ଯେ ମସଲା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ ଏହାକୁ ଖାଇବା ଦ୍ୱାରା ବହୁ ବଡ଼ ବଡ଼ ରୋଗର ପ୍ରତିକାର ମଧ୍ୟ କରାଯାଇପାରିବ । କଳାଜିରା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ବି ଦୁସାଧ୍ୟ ରୋଗର ପ୍ରତିରୋଧ ରୂପେ ବ୍ୟବହାର କରାଯାଏ । ଆମେରିକାର ଗବେଷଣା କେନ୍ଦ୍ରରେ ଏଚ୍‌ଆଇଭି ରୋଗୀଙ୍କୁ କଳାଜିରା, ରସୁଣ ଓ ମହୁରେ ପ୍ରସ୍ତୁତ ଏକ କ୍ୟାପସୁଲ୍ ଖାଇବା ପାଇଁ ଦିଆଯାଇଥିଲା । ଯାହାର ପ୍ରଭାବିତ ସୁଫଳ କିଛି ଦିନରେ ଦେଖିବାକୁ ମିଳିଥିଲା । ତେବେ ଜାଣନ୍ତୁ କଳାଜିରାର ଉପକାରିତା ।



ପୁଷ୍ଟିକର ମସଲା :- କଳାଜିରାରେ ଶ୍ୱେତସାର ଓ ପ୍ରୋଟିନ୍ ଭଳି ୧୦୦ରୁ ଅଧିକ ପୋଷକତତ୍ତ୍ୱ ରହିଛି । ତେଣୁ ଏହାକୁ ଖାଇବା ଦ୍ୱାରା ବଡ଼ ବଡ଼ ରୋଗର ସମସ୍ୟାକୁ ଏଡାଇ ଦିଆଯାଇପାରିବ ।

କର୍କଟର ନିରାକରଣ :- କଳାଜିରାରେ କର୍କଟରୋଗର ନିରାକରଣ କ୍ଷମତା ରହିଛି । ଗୋଟେ ଗ୍ଲାସ ଅଙ୍ଗୁର ରସରେ ଏକ ଚାମଚ କଳାଜିରା ଦେଲ ମିଶାଇ ପିଇବା ଦ୍ୱାରା କର୍କଟର ଜୀବାଣୁ କମିଯାଇଥାଏ ।

ମଧୁମେହ ନିୟନ୍ତ୍ରଣକାରୀ :- ଯଦି ସୁଗାର୍‌ର ମାତ୍ରା ଅଧିକ ଥାଏ ତେବେ କଳାଜିରା ମଞ୍ଜି, ସୋରିଷ ଓ ଡାଳିମ୍ବ ଚୋପାକୁ ଗୁଣ୍ଡ କରି ଏହାର ଚୂର୍ଣ୍ଣକୁ ଦୈନିକ ଖାଲି ପେଟରେ ଖାଇବା ଦ୍ୱାରା ସୁଗାର ନିୟନ୍ତ୍ରଣ କରାଯାଇପାରିବ ।

ଷ୍ଟୋନର ପ୍ରତିଷେଧକ :- ଯଦି ପେଟରେ ପଥର ହୋଇଛି ତେବେ କଳାଜିରା ଖାଇବା ଖୁବ୍ ଫଳପ୍ରଦ ହୋଇଥାଏ । ଅଳ୍ପ ମହୁରେ କଳାଜିରାକୁ ବାଟି ଖାଇବା ଦ୍ୱାରା ଆରାମ ମିଳିଥାଏ ।

# ପିଲାଙ୍କ ବୃକକ୍ ସମସ୍ୟା




ପିଲା ପରିସ୍ରା କଲାବେଳେ ଅସ୍ୱାଭାବିକ କଷ୍ଟ ପାଇ ଜଳାପୋଡ଼ା ହେଉଛି କି ? ସେ ଯଥେଷ୍ଟ ପାଣି ପିଉଥିଲେ ମଧ୍ୟ କମ୍ ପରିସ୍ରା କରୁଛି କି ? ପରିସ୍ରାରେ ବେଳେବେଳେ ରକ୍ତ ପଡୁଛି କି ? କ୍ରମାଗତ ଜ୍ୱର ରହିବା ସହ ବାନ୍ତି କରୁଛି କି ? ଖାଉଥିବା ସତ୍ତ୍ୱେ ଓଜନ ବଢୁନି କି ? ଏଭଳି ସମସ୍ୟାକୁ ଅଣଦେଖା କରୁନାହିଁ। ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। କାଳେ ବକ୍କ୍ ବା କିଡ୍‌ନି ସମସ୍ୟା ଥାଇପାରେ। ଅନେକଙ୍କ ଧାରଣା, ବୃକକ୍ ରୋଗ କେବଳ ବୟସ୍କଙ୍କୁ ହୁଏ। ଏହା ପିଲାଙ୍କୁ ବି ହୋଇପାରେ। ଗର୍ଭସ୍ଥ ଭ୍ରୁଣ ବେଳେ ବେଳେ ବୃକକ୍ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଗର୍ଭବତୀ ମାଆଙ୍କର ସୋନୋଗ୍ରାଫି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ। ଏଥିରୁ ଭ୍ରୁଣର ବୃକକ୍‌ର ଆକାର ସ୍ପଷ୍ଟ ହୋଇଥାଏ। ପରିସ୍ରା ନଳିରେ କିଛି ଅବରୋଧ ବା ପ୍ରତିବନ୍ଧ ଥିଲେ ବି ଜଣାପଡ଼ିଯାଏ। ଗର୍ଭଧାରଣ ସମୟରେ ମାଆର ଜରାୟୁରେ ଜଳର ଅଂଶ କମ୍ ଥିଲେ, ପିଲାଠାରେ ଏହି ସମସ୍ୟା ପରବର୍ତ୍ତୀ ସମୟରେ ଦେଖାଦିଏ। ବୃକ୍କ ପଥର ସମସ୍ୟା ମଧ୍ୟ ପିଲାର ହୋଇପାରେ। ପରିସ୍ରା ଲାଗୁଥିବା ସମୟରେ, ପରିସ୍ରା ନକରି ଚାପିଲେ ପରବର୍ତ୍ତୀ ସମୟରେ ଏହା ଘାତକ ସାବ୍ୟସ୍ତ ହୁଏ। ପିଲାଙ୍କୁ ଯଥେଷ୍ଟ ପରିମାଣର ପାଣି ପିଇବାକୁ ଦିଅନ୍ତୁ ଏବଂ ସେ ଯେପରି ପରିସ୍ରା ନଅଟକାଏ ଦୃଷ୍ଟି ଦିଅନ୍ତୁ। ପିଲାଙ୍କର ଆଉ ଏକ ସମସ୍ୟା ମୂତ୍ରନଳୀ ସଂକ୍ରମଣ। ଏ କ୍ଷେତ୍ରରେ ପିଲା ବାରମ୍ବାର ପରିସ୍ରା କରିଥାଏ। ପୁଅ ଓ ଝିଅଙ୍କ କ୍ଷେତ୍ରରେ ଅଲଗା ଅଲଗା ବୟସରେ ଏହା ପରିଲକ୍ଷିତ ହୁଏ। ପୁଅଙ୍କ ଠାରେ ଏହି ସମସ୍ୟା ଜନ୍ମର ପ୍ରଥମବର୍ଷରେ ଅଧିକ ଦେଖାଯାଏ। ଝିଅଙ୍କ କ୍ଷେତ୍ରରେ ଜନ୍ମର ବର୍ଷକ ପରେ ପରିଲକ୍ଷିତ ହୋଇଥାଏ। ଏ କ୍ଷେତ୍ରରେ ପିଲା ପରିସ୍ରା କଲା ବେଳେ ଅସ୍ୱାଭାବିକ ଯନ୍ତ୍ରଣା ପାଇ କାନ୍ଦେ ଏବଂ କେତେକ କ୍ଷେତ୍ରରେ ଜ୍ୱର ହୁଏ। ଆଉ ଏକ ରୋଗ ନେଫ୍ରାଇଟିସ୍। ପିଲାଙ୍କ ବୃକକ୍ ସମସ୍ୟା ବାପା-ମାଆ ସହଜରେ ଜାଣିପାରନ୍ତି ନାହିଁ। ଫଳରେ ପରବର୍ତ୍ତୀ ସମୟରେ ପିଲା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗିଥାଏ। ତେଣୁ, ସନ୍ଦେହ ହେଲେ ପରିସ୍ରା ପରୀକ୍ଷା ସହ ସୋନୋଗ୍ରାଫି, ରକ୍ତରେ କ୍ରିଏଟିନିନର ମାତ୍ରା ଯାଂଚ କରାନ୍ତୁ। ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।




## ପୋର୍ଟେବ୍‌ଲ ନାଇଟ୍ରୋଟ୍ ଡିଟେକ୍ଟର ଗ୍ରୀନଟେଷ୍ଟ




ଆମୋନିୟମ ନାଇଟ୍ରେଟ୍, କ୍ୟାଲସିୟମ ନାଇଟ୍ରେଟ୍, ପଟାସିୟମ ନାଇଟ୍ରେଟ୍, ସୋଡିୟମ ନାଇଟ୍ରେଟ୍ ଏବଂ ୟୁରିଆ ନାଇଟ୍ରୋଜେନ୍ ଆଦି ସାର ବ୍ୟବହାର ଯୋଗୁ ଫଳ ଓ ପନିପରିବାରେ ନାଇଟ୍ରୋଟ୍ ଅଂଶ ରହୁଛି । ରହିଯାଇଥିବା ପଳ ଓ ପରିବାରେ ନାଇଟ୍ରେଟ୍‌ଗୁଡ଼ିକ ନାଇଟ୍ରାଇଟ୍‌ରେ ପରିଣତ ହୋଇଯାନ୍ତି । ମଣିଷ ଶରୀରରେ ଏହି ନାଇଟ୍ରାଇଟ୍ ରକ୍ତରେ ମିଶି ବିଷାକ୍ତ ତତ୍ତ୍ୱରେ ପରିଣତ ହୁଏ ଏବଂ ମଧୁମେହ, ଆଲଝିମର୍ସ, ପାର୍କିନସନ, କର୍କଟ ରୋଗର କାରଣ ହୋଇପାରେ । ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମଧ ଏହା ସୋଡ଼ିୟମ ନାଇଟ୍ରେଟ୍ ଡିଟେକ୍ଟରସହାୟକ ହେବ । ଏହା ବ୍ୟବହାର ହେବାକୁ ଥିବା ଫଳ କିମ୍ବା ପରିବାରେ ନାଇଟ୍ରେଟ୍ କୀଟନାଶକର ପରିମାଣ ଦର୍ଶାଇ ସ୍ୱାସ୍ଥ୍ୟ ପାଇଁ କ୍ଷିତିକାରକ କି ନୁହେଁ ବୋଲି ଜଣାଇଦିଏ ଏବଂ ଖାଇବା ପୂର୍ବରୁ ଏହାକୁ ବିଶୋଧନ କରିବା ଦ୍ୱାରା କ୍ଷତିକାରକ ପ୍ରଭାବରୁ ମୁକ୍ତି ମିଳିପାରେ । ଏହି ଡିଟେକ୍ଟରର ନାମ ଗ୍ରୀନଟେଷ୍ଟ । ଖାଦ୍ୟ ସୁରକ୍ଷା କମ୍ପାନୀ ଆଲଭାରିଟା ଦକ୍ଷିଣ ଆଫ୍ରିକାରେ ବିଶ୍ୱର ଏହି ପ୍ରଥମ ପାର୍ଟେବଲ ନାଇଟ୍ରେଟ ବଜାର ପ୍ରବେଶ କରାଇଛି ।

## ସବୁଠୁ ମହଙ୍ଗା ପରିବା, ତରକାରୀଠାରୁ ଆଚାର ପାଇଁ ହେଉଛି ବ୍ୟବହାର

ବିଶ୍ୱରେ ଭିନ୍ନଭିନ୍ନ ପ୍ରକାରର ପନିପରିବା ମିଳୁଥିବା ବେଳେ ଲୋକେ ନିଜ ପସନ୍ଦର ପରିବାକୁ କ୍ରୟ କରିଥାନ୍ତି । ଆଉ ପରିବା ମୂଲ୍ୟ ମଧ ଲୋକଙ୍କ ପାଇଁ ବଡ଼ ମହତ୍ୱ ରଖିଥାଏ । ଅନେକ ସମୟରେ ପରିବା ମୂଲ୍ୟ ବୃଦ୍ଧିକୁ ନେଇ ଭାରତ ସମେତ ବିଭିନ୍ନ ଦେଶରେ ଖାଉଟି ଅସନ୍ତୋଷ ଦେଖାଦେବାର ଉଦାହରଣ ମଧ ରହିଛି । ହେଲେ



ଏପରି ଏକ ପରିବା ଅଛି ଯାହାର ମୂଲ୍ୟ ଚିନ୍ତାର ବାହାରେ । ଆଉ ବଜାରରେ ମଧ ଏହାର ଚାହିଦା ଢ଼େର ଅଧିକ । ବ୍ରିଟେନ, ଜର୍ମାନୀ ସମେତ ଅନେକ ୟୁରୋପୀୟ ଦେଶରେ ହପ୍ ସୁଟସ୍ ନାମକ ଏହି ପରିବାର ଚାହିଦା ଢ଼େରଅଧିକ । ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରତିକିଲୋଗ୍ରାମ ପିଛା ୮୨ ହଜାର ଟଙ୍କା ଅଟେ । ଶତାବରୀ ଗଛ ଭଳି ଦେଖାଯାଉଥିବା ଏହି ହପ୍ ସୁଟସକୁ ଲୋକେ ତରକାରୀରେ ଏବଂ ଆଚାର ଭାବେ ମଧ ବ୍ୟବହାର କରନ୍ତି । କେବଳ ବସନ୍ତ ଋତୁରେ ଏହାର ଉତ୍ପାଦନ ହୋଇଥାଏ । ଏହି ଗଛର ବଡ଼ ଔଷଧୀୟ ଗୁଣ ରହିଛି । ଏଥିରେ ଭିଟାମିନ- ବି.ସି.ଡି ଆଦି ପ୍ରଚୁର ମାତ୍ରାରେ ରହିଛି ।

# ଡିମେନ୍‌ସିଆ ହ୍ରାସ କରେ କମଳା ରସ




ପ୍ରତିଦିନ ଏକ ଗ୍ଲାସ କମଳା ରସ ପିଇବା ଦ୍ୱାରା ଡିମେନ୍‌ସିଆ ଆଶଙ୍କା ହ୍ରାସ ପାଇଥାଏ । ଦୀର୍ଘ ଦୁଇ ଦଶନ୍ଧି ଧରି ହାରାହାରି ୨୮ ହଜାର ଲୋକଙ୍କୁ ପରୀକ୍ଷା କରି ଗବେଷକମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି । ଫଳ ଓ ପରିବା ସେମାନଙ୍କ ମସ୍ତିଷ୍କ ଶକ୍ତିକୁ କିପରି ପ୍ରଭାବିତ କରେ, ତାହା ଯାଞ୍ଚ କରିଥିଲେ । ଦୈନିକ ଗୋଟିଏ ଛୋଟ ଗ୍ଲାସ୍ କମଳା ଜୁସ୍ ପିଉଥିବା ପୁରୁଷଙ୍କଠାରେ ସ୍ମୃତି ଜଟିଳତା ୪୭ ପ୍ରତିଶତ ହ୍ରାସ ପାଇଥିବା ଅଧ୍ୟୟନରୁ ଜଣାପଡ଼ିଲା । ସ୍ମୃତିଶକ୍ତି ହ୍ରାସ, ବୁଝିବା ଓ ଲଗାତତାର ଦ୍ୱନ୍ଦ୍ୱରେ ପଡ଼ିବା ମସ୍ତିଷ୍କ ପତନର ପ୍ରାଥମିକ ଲକ୍ଷଣ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ସ୍ମୃତିଶକ୍ତି ଲୋକ ଭାବେ ଉଭା ହୋଇଥାଏ । ଏହି ସ୍ଥିତିର କୌଣସି ସ୍ଥାୟୀ ପ୍ରତିକାର ଏପର୍ଯ୍ୟନ୍ତ ବାହାରି ନଥିବାରୁ ବୈଜ୍ଞାନିକମାନେ ଦୀର୍ଘ ବର୍ଷରୁ ଏକ ସ୍ଥାୟୀ ଉପାୟ ଅନ୍ୱେଷଣରେ ଲାଗିଛନ୍ତି । ତେବେ ବାର୍ଦ୍ଧକ୍ୟ ସହ ଆସୁଥିବା ମସ୍ତିଷ୍କ ସମ୍ବନ୍ଧୀୟ ରୋଗଠୁ ଦୂରରେ ରହିବା ଲାଗି ସୁସ୍ଥ ଖାଦ୍ୟର ଭୂମିକା ଉପରେ ସଦ୍ୟ ଅଧ୍ୟୟନ ପୁଣି ଗୁରୁତ୍ୱାରୋପ କରିଛି । ଅଧ୍ୟୟନର ମୁଖ୍ୟ ଲେଖକ ଚାଙ୍ଗଝେଙ୍ଗ ୟୁଆନ୍ କହନ୍ତି, ଦୀର୍ଘ ସମୟ ଧରି ପରିବା, ଫଳ ଓ କମଳା ଜୁସ୍ ପିଉଥିବା ବ୍ୟକ୍ତିର ଧୀ-ସମ୍ବନ୍ଧୀୟ ଗତିବିଧିକୁ ବଜାୟ ରଖିବାର ସହାୟକ ହୋଇଥାଏ । ସାଧାରଣତଃ ଫଳାହାର ଧୀ- ସମ୍ପର୍କିତ ସମସ୍ୟାରେ ସୁଧାରିବାରେ ପ୍ରଭାବଶାଳୀ ଜଣାପଡ଼ିନଥିଲା । କିନ୍ତୁ କମଳା ଜୁସ୍ ପିଇବା ଦ୍ୱାରା ଏହି ସମସ୍ୟାର ସୁଧାର ଆସିଥିବା ଅଧ୍ୟୟନରୁ ଜଣାପଡ଼ିଲା । ନ୍ୟୁରୋଲୋଜି ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି ।



## ବନ୍ଧାକୋବି କଦଳୀ କୋପ୍ତା



### *ସାମଗ୍ରୀ:*

କଞ୍ଚା କଦଳୀ ୧ ସିଝା, କଟା ବନ୍ଧାକୋବି - ୧ କପ୍, ୧/୨ କପ୍- ବେସନ, କଞ୍ଚା ଲଙ୍କା - ୨, ଜିରା - ୧/୨ ଚାମଚ, କଟାଧନିଆ ପତ୍ର- ୧ ଚାମଚ, ଧନିଆ ଗୁଣ୍ଡ-୧ ଚାମଚ, ଜିରାଗୁଣ୍ଡ- ୧ ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଗରମ ମସଲା-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଟମାଟୋ-୨, ଅଦା ପେଷ୍ଟ, ୧ ଚାମଚ, ଦହି -୪ଚାମଚ, ତେଜ ପତ୍ର-୩, ରିଫାଇନତେଲ, ଫ୍ରେଶ୍ କ୍ରିମ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

### *ପ୍ରସ୍ତୁତି ପ୍ରଣାଳୀ:*

ପ୍ରଥମେ କଟା କୋବିକୁ ଭଲ ଭାବେ ଧୋଇ ରଖନ୍ତୁ । କୋଟିଏ ପାତ୍ରରେ ସିଝା, କଦଳୀ, କୋବି, ବେସନ, କଞ୍ଚା ଲଙ୍କା, ଧନିଆପତ୍ର, ଧନିଆଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଲଙ୍କାଗୁଣ୍ଡ ଏବଂ ଲୁଣକୁ ମିଶାଇ ଗୋଳାନ୍ତୁ । ଗ୍ୟାସରେ ପ୍ୟାନ ବସାଇ ସେଥିରେ ତେଲ ଗରମ କରନ୍ତୁ । ତେଲ ଗରମ ହେଲେ ମିଶ୍ରଣରେ ଗୋଲଗୋଲ ବଲ ତିଆରି କରି ଛାଣନ୍ତୁ । କୋପ୍ତା ଲାଲ ହୋଇଆସିଲେ କାଢ଼ି ଅନ୍ୟତ୍ର ରଖନ୍ତୁ। ଏବେ ବଳକା ତେଲରେ ତେଜ ପତ୍ର, ଜିରା, ଅଦା ପେଷ୍ଟ, ଦହି ପକାଇ ଗୋଳାନ୍ତୁ । ପରେ ଟମାଟୋ, ଗରମ ମସଲା, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀ ପକାଇ କଷନ୍ତୁ । ମସଲା କଷି ହେଲା ପରେ କୋପ୍ତା ପକାନ୍ତୁ । ବର୍ତ୍ତମାନ କ୍ରିମ୍ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଏବେ ପ୍ରସ୍ତୁତ ବନ୍ଧାକୋବି କଦଳୀ କୋପ୍ତା ।



## ହେୟାର ଷ୍ଟାଇଲର ଗୁରୁତ୍ୱ

ଆପଣ ବଢ଼ିଆ ପୋଷାକ କିମ୍ବା ଦାମୀ ପୋଷାକ ପିନ୍ଧିଛନ୍ତି, କିନ୍ତୁ ଆପଣଙ୍କ ହେୟାର ଷ୍ଟାଇଲ ଓ ଆକସେସରିଜ୍ ସେହି ପୋଷାକ ସହ ମ୍ୟାଚ୍ କରୁନାହିଁ ତେବେ ସେ ପୋଷାକ ପିନ୍ଧିବା ବେକାର । ଯଦି ଆପଣ ସାଧାରଣ ଓ କମଦାମର ପୋଷାକ ପିନ୍ଧିଛନ୍ତି, କିନ୍ତୁ ଆପଣଙ୍କ ହେୟାର ଷ୍ଟାଇଲ ଓ ଆକ୍‌ସେସରିଜ ମ୍ୟାଚ କରିଯାଉଛି ସେ ପୋଷାକ ସହ ତେବେ ଆପଣ ସୁନ୍ଦରୀ ଆଉ ଗର୍ଜିୟସ୍ ଦିଶିବେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମସ୍ୟାର ସମାଧାନ ହେଉ...

ରାଜଧାନୀ ଦିଲ୍ଲୀରେ କୃଷକମାନଙ୍କର ଧାରଣା-ଧର୍ମଘଟକୁ ମାସେ ପୂରିଲା। ସଂସଦରେ ପାରିତ ଓ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ତିନି କୃଷି ବିଲର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ହଜାର ସଂଖ୍ୟାରେ କୃଷକମାନେ ଆନ୍ଦୋଳନ କରୁଛନ୍ତି। କେନ୍ଦ୍ର ସରକାର ଚାରି ପାଂଚଥର କଥାବାର୍ତ୍ତା ପାଇଁ ଡାକିବା ସତ୍ତ୍ୱେ କୃଷକମାନେ ସଂଶୋଧନ ନୁହେଁ, ପ୍ରତ୍ୟାହାର ପାଇଁ ଅଡ଼ି ବସିଛନ୍ତି। ୨୯ ତାରିଖ ଦିନକୁ ପରବର୍ତ୍ତୀ ଆଲୋଚନା ବୈଠକ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆଶା କରାଯାଇପାରେ କୃଷକ ପ୍ରତିନିଧି ଓ ସରକାରଙ୍କ ମଧ୍ୟରେ କଥାବାର୍ତ୍ତାରୁ ସକାରତ୍ମକ ଫଳ ବାହାରିବ। କ'ଣ ପାଇଁ କୃଷକମାନେ କେନ୍ଦ୍ରର କଥିତ କୃଷି ବିଲକୁ ବିରୋଧ କରୁଛନ୍ତି? ବିଲ୍ ଅଣାଯିବା ପୂର୍ବରୁ କୃଷକନେତା ଓ ସଂଗଠନଗୁଡ଼ିକ ସହ ବିଚାର ବିମର୍ଶ କରାଯାଇ ନଥିବା ଅନ୍ୟତମ କାରଣ ଭାବେ ଦର୍ଶାଯାଉଛି। ଉତ୍ପାଦିତ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସପି ନେଇ କୁଆଡ଼େ ସ୍ପଷ୍ଟ କିଛି ଜଣାଯାଇନାହିଁ। ତାହା ବାଦ୍ କର୍ପୋରେଟ ସଂସ୍ଥା ହାତକୁ କୃଷିକୁ ଟେକି ଦିଆଯିବ ଏବଂ ନିଜ ଉତ୍ପାଦିତ ସାମଗ୍ରୀର ନିୟନ୍ତ୍ରଣ ଅମ୍ବାନୀ ଓ ଆଦାନୀମାନଙ୍କ ଭଳି ଧନପତିମାନଙ୍କ ହାତକୁ ଚାଲିଯିବ ବୋଲି ଏକ ଧାରଣା କୃଷକନେତାମାନଙ୍କ ମନରେ ଶବାର ହୋଇଛି। ଚୁକ୍ତିଭିତ୍ତିକ (କଣ୍ଟ୍ରାକ୍ଟ) ଫାର୍ମିଂ ସକାଶେ ତିନୋଟି ବିଲ୍‌ରେ ରାସ୍ତା ଖୋଲା ରହିଥିବା କଥା ଉଲ୍ଲେଖ ଅଛି। ଆନ୍ଦୋଳନରତ କୃଷକମାନେ ଦିଲ୍ଲୀକୁ ମାସେ ହେଲା ଚାରିପଟୁ ରୁନ୍ଧି ଦେଇ ରଖିଛନ୍ତି। ରାଜଧାନୀରେ ଏମିତିରେ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ପଂଜାବ, ହରିଆଣା ଓ ଅନ୍ୟ ସ୍ଥାନରୁ ହଜାର ହଜାର କୃଷକମାନେ ସେଠାରେ ରୁଣ୍ଡ ହେବା ଫଳରେ ଯେଉଁ ବିଷମ ସ୍ଥିତି ଲାଗି ରହିଛି, ତାହା କଳ୍ପନା ବାହାରେ। କେନ୍ଦ୍ର ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ସମାବେଶ କରାଯାଇ କଥିତ କୃଷି ବିଲ୍ ନେଇ ଲୋକମାନଙ୍କୁ ଭ୍ରମିତ କରାଯାଉଥିବା ବୁଝାଯାଉଛି। କିଛି ନବୁଝି ବିଚାରି ଚାଷୀମାନେ ଆନ୍ଦୋଳନକୁ ଡେଇଁ ପଡ଼ିଛନ୍ତି ବୋଲି ଏବେ ବୁଝାଯାଉଛି। କରୋନା ସଂକ୍ରମଣ ଶିଖରରେ ଥିବାବେଳେ ସଂସଦରେ ବାଚନିକ ଭୋଟରେ ଗୃହୀତ କରାଇବାକୁ ତରବର ହେବା ଆଗରୁ ସଂଗଠନଗୁଡ଼ିକ ସହ କଥାବାର୍ତ୍ତା କରି ବୁଝାଇଥିଲେ କେମିତି ହୋଇଥାନ୍ତା ବୋଲି ପଚାରୁଛନ୍ତି ତଦ୍‌ବିଦ୍ ମହଲ। ଅହଙ୍କାର ଓ ଜିଦରୁ କୌଣସି ପକ୍ଷ ଯେମିତି ଓହରିଯିବାକୁ ପ୍ରସ୍ତୁତ ନୁହନ୍ତି। କୃଷିମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ନିଜେ ପ୍ରଧାନମନ୍ତ୍ରୀ ଥର ଥର କରି ବହୁବାର କୃଷକମାନଙ୍କ ହିତରେ ତିନିଟିଯାକ ବିଲ୍ ଅଣାଯାଇଛି ବୋଲି ବୁଝାଇ ସାରିଛନ୍ତି। ମାତ୍ର ଅଦୃଶ୍ୟ ପ୍ରଭାବ ହେଉ କିମ୍ବା ଆପଣା ବୁଦ୍ଧି ବିବେକ ଦ୍ୱାରା ପରିଚାଳିତ ହୋଇ କୃଷକମାନେ ନିଜ ଦାବିରେ ଅଟଳ ରହିଛନ୍ତି। କଣ୍ଟ୍ରାକ୍ଟ ଫାର୍ମିଂ ଏମ୍ଏସ୍‌ପି ସମ୍ପର୍କରେ ଥିବା ଭୁଲ୍ ବୁଝାମଣା ଦୂର କରିବା ସକାଶେ ଯେତେ ଯାହା ସଫେଇ ଦିଆଯାଉଛି, ତାହା ଦ୍ୱାରା କୃଷକ ସଂଗଠନମାନେ ପ୍ରଭାବିତ ହେଉନାହାନ୍ତି। ବିପରୀତ ପକ୍ଷରେ ସରକାର ଓ କ୍ଷମତାସୀନ ଦଳ ପକ୍ଷରୁ ଆନ୍ଦୋଳନ ଚାଷୀନେତାମାନଙ୍କ ହାତରେ ଆଉ ନାହିଁ, ତାହା ଉଗ୍ର ବାମପନ୍ଥୀମାନଙ୍କ ହାତକୁ ଚାଲିଗଲାଣି ବୋଲି କୁହାଯାଉଛି। ଏପରିକି ଚୀନ୍ ଓ ପାକିସ୍ତାନ ତଥା ଖଲିସ୍ତାନୀମାନଙ୍କ ଇଙ୍ଗିତରେ ପ୍ରତିବାଦ ଆନ୍ଦୋଳନ ଚାଲୁରହିଛି ବୋଲି ଅଭିଯୋଗ ଉଠେ। ଦୀର୍ଘ ଏକମାସ ବ୍ୟାପୀ ଆନ୍ଦୋଳନ ଫଳରେ ଜାତୀୟ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି। କରୋନା ସଙ୍କ୍ରମଣ ଯେତିକି କ୍ଷତିସାଧନ କରିଛି, ସେହିଭଳି କୃଷକ ଆନ୍ଦୋଳନ ସକାଶେ ବ୍ୟାପକ କ୍ଷତି ଘଟିଚାଲିଛି। ଏହାର ଗୁରୁତର କୁପରିଣାମ ସମସ୍ତଙ୍କୁ ଅବଶ୍ୟ ଭୋଗିବାକୁ ପଡ଼ିବ। ସରକାର ଓ ଆନ୍ଦୋଳନରତ କୃଷକ ନେତାମାନେ ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ସମାଧାନ ରାସ୍ତା ବାହାର କରିବା କେତେ ଜରୁରି, ତାହା ବିଚାରର ଅପେକ୍ଷା ରଖେ। ବୃହତ୍ତର ଜାତୀୟ ସ୍ୱାର୍ଥ ସର୍ବାଗ୍ରେ, ରାଜନୈତିକ ସ୍ୱାର୍ଥ କଥାକୁ ପଛରେ ପକାଇ ବିଚାର କଲେ ହିଁ ବାସ୍ତବ ପନ୍ଥା ବାହାରିପାରିବ। କୌଣସି ପକ୍ଷ ନିଜର ଶକ୍ତି ବା ଦୃଢ଼ତାର ଦୃଷ୍ଟିରୁ ବିଚାର କରାନଯାଇ ରାଷ୍ଟ୍ରୀୟ ହିତ ଦୃଷ୍ଟିରୁ କରାଯିବା କଥା। କର୍ପୋରେଟ ସଂସ୍ଥା କିମ୍ବା ଔଦ୍ୟୋଗିକ ସ୍ୱାର୍ଥ ପାଇଁ କୃଷିକ ବ୍ୟବହାର କରାଯାଇଛି ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଉଛି, ତତ୍‌ସଂକ୍ରାନ୍ତ ସନ୍ଦେହ ମୋଚନ ଜରୁରୀ ହୋଇପଡ଼ିଛି। ଭାରତ ହେଉଛି କୃଷି ପ୍ରଧାନ ଦେଶ। କୃଷିକୁ ଏଯାବତ୍ ଅବହେଳିତ ସ୍ଥିତିରେ ରଖାଯାଇଥିଲା। ସୁତରାଂ, ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇ ଅନ୍ନଦାତାଙ୍କ ମୁହଁରେ ହସ ଫୁଟାଯାଇ ପାରିଲେ ସାମଗ୍ରିକ ଭାବେ ଆମେ ଅନ୍ୟମାନଙ୍କୁ ରାସ୍ତା ଦେଖାଇପାରିବା।

# ପଣ୍ଡୁଓଷା



**ଡକ୍ଟର ଶ୍ରୀହରି ପଣ୍ଡା**

ମାର୍ଗଶିର ମାସ ପୂର୍ଣ୍ଣମୀ ପଣ୍ଡୁ ପୂର୍ଣ୍ଣମୀ ନାମରେ ପରିଚିତ । ଏହି ଓଷା ଆମରାଜ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଅଧିକ ପ୍ରଚଳିତ । ପଣ୍ଡୁନାମଟି ମହାଭାରତର ଚରିତ୍ର କୁନ୍ତୀପତିଙ୍କୁ ବୁଝାଇଥାଏ । ସମ୍ଭବତଃ ଏହି ଦିବସରେ ହିଁ ପଣ୍ଡୁ ବ୍ୟାସଙ୍କ ଔରସରୁ ଅମ୍ବାଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ବ୍ୟାସଙ୍କର ଭୟଙ୍କର ଶ୍ମଶ୍ରୁଯୁକ୍ତ ମୁଖମଣ୍ଡଳକୁ ଦେଖି ଅମ୍ବାଙ୍କର ମୁହଁ ପାଣ୍ଡୁର ପଡିଯାଇଥିବାରୁ ବ୍ୟାସ ମାତା ସତ୍ୟବତୀଙ୍କୁ କହିଥିଲେ ଯେ,ଅମ୍ବାଙ୍କ ଗର୍ଭରୁ ଜାତହେବା ସନ୍ତାନ ନିଶ୍ଚୟ ପାଣ୍ଡୁବର୍ଣ୍ଣ ଏବଂ ରୁଗ୍ଣ ହେବ । ପିଲାର ଜନ୍ମପରେ ପିଲା ପାଣ୍ଡୁବର୍ଣ୍ଣ ହୋଇଥିବାରୁ ତାଙ୍କର ନାମକରଣ କରାଗଲା ପଣ୍ଡୁ । ତାଙ୍କ ସମୟରେ ସେ ପ୍ରଚଣ୍ଡ ଧନୁର୍ଦ୍ଧାରୀ ହେବା ସହିତ ପ୍ରବଳ ଈଶ୍ୱରାନୁରାଗୀ ହେଲେ । ମାତ୍ର ନିଜର ସାନରଣୀଙ୍କ ସହ ସମ୍ଭୋଗରେ ଲିପ୍ତ ହେବାରୁ ପୂର୍ବ ଅଭିଶାପ ପାଇଁ ତାଙ୍କୁ ମୃତ୍ୟୁମୁଖରେ ପଡିବାକୁ ହୋଇଥିଲା । ପଣ୍ଡୁଙ୍କର ମୃତ୍ୟୁପରେ ମାଦ୍ରି ମଧ ମୃତ୍ୟୁ ବରଣକଲେ । ପଣ୍ଡୁଙ୍କର ପାଞ୍ଚପୁତ୍ର ଦୁର୍ଯ୍ୟୋଧନର ଚକ୍ରାନ୍ତରେ ପଡି ରାଜଭବନରୁ ବିତାଡିତ ହୋଇ ମାତା କୁନ୍ତି ଓ ପତ୍ନୀ ଦ୍ରୌପଦୀଙ୍କ ସହ ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ନିଜପିତା ପଣ୍ଡୁଙ୍କର ସ୍ମରଣ କରୁଥିଲେ । ପଣ୍ଡୁବଂଶୀ ସହଦେବ କଳିଙ୍ଗ ରାଜାଙ୍କୁ ପରାସ୍ତ କରି ଶାସନ କରୁଥିଲେ ଏବଂ ସମ୍ଭବତଃ ତାଙ୍କର ନିଜ ପିତାଙ୍କୁ ପୂଜା କରିବା ଘଟଣା କାଳକ୍ରମେ ପଣ୍ଡୁପୂଜାର ନାମ ନେଇଗଲା । ମାତ୍ର ପଣ୍ଡୁଓଷା କଥାରେ ନାରୀମାନେ ସନ୍ତାନାଦି ପ୍ରାପ୍ତି ନିମନ୍ତେ ଯମରାଜାଙ୍କୁ ପୂଜାକରିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଓଷା କଥାନୁସାରେ ଜମ୍ବୁଦୀପରେ କଳିଙ୍ଗନଗରର ରାଜାଙ୍କ ପାତ୍ର,ମନ୍ତ୍ରୀ..ଧନଦୌଲତ କୌଣସିଥିରେ ଅଭାବ ନଥିଲା ବେଳେ ସନ୍ତାନଟିଏ ନଥିବାର ଦୁଃଖରେ ରାଜା ସଦା ବିରସ ରହୁଥିଲେ । ଥରେ ଜଣେ ସ୍ତ୍ରୀଲୋକ ରାଜାଙ୍କୁ ଦେଖି ଅପୁତ୍ରିକକୁ ଦେଖି ପକାଇଥିବାରୁ ନିଜକୁ ଧିକ୍କାର କରିବା କଥା ରାଜାଙ୍କୁ ଖୁବ୍ ବାଧିଲା ଫଳରେ ରାଜା ନିଜ ମନ୍ତ୍ରୀଙ୍କୁ ରାଜଗାଦି ଅର୍ପଣ ପୂର୍ବକ ରାଜାରାଣୀ ବଣକୁ ତପସ୍ୟା ଲାଗି ବାହାରିଲେ । ଏହା ମଧ୍ୟରେ ରାଜା ନିଜକୁ ଧିକ୍କାର କରି ଆତ୍ମହତ୍ୟାର ପ୍ରୟାସ କରି ବିଫଳ ହୋଇଥିଲେ । ବଣରେ ବାସ କରୁଥିବା ସମୟରେ ଅତ୍ୟଧିକ ଭୋକରୁ ରକ୍ଷା ପାଇବା ନିମନ୍ତେ ସେ ନିକଟସ୍ଥ ଏକ ଗ୍ରାମକୁ କିଛି ଭିକ୍ଷାର ଉଦ୍ଦେଶ୍ୟ ନେଇ ଗମନ କଲାବେଳେ ଦେଖିଲେ କିଛି ସ୍ତ୍ରୀଲୋକ ପଣ୍ଡୁଓଷା କରୁଛନ୍ତି । ସେଠାରେ ଯାଇ ସେ ଓଷାର କାରଣ ପଚାରିବାରୁ ସେମାନେ କହିଲେ,ଏହି ବ୍ରତକଲେ ନିଶ୍ଚୟ ସନ୍ତାନ ଜନ୍ମ ହୁଏ । ରାଜା ସେମାନଙ୍କଠାରୁ ବ୍ରତର ବିବରଣୀ ଜ୍ଞାତ ହୋଇ ପ୍ରସାଦ ପାଇ ସେଠାରୁ ଫେରି ପଣ୍ଡୁଓଷା ଯଥାବିଧି ପାଳନ କଲେ । ଏହାର କିଛି ଦିନପରେ ରାଣୀଙ୍କ ଗର୍ଭରୁ ସୁନ୍ଦର ପୁତ୍ରଟିଏ ଜନ୍ମନେଲା । ପୁତ୍ରଲାଭ ପରେ ରାଜା ଏପରି ଆନନ୍ଦରେ ନିମଗ୍ନ ହେଲେ ଯେ,ଓଷା କିମ୍ବା ଉପବାସ କଥା ସମ୍ପୂର୍ଣ୍ଣ ଭୁଲିଗଲେ । ଏହା ମଧ୍ୟରେ ସେହି ସନ୍ତାନ ବଡ ହେଲା । ଘରେ ଆଉ ପୂଜା ହେଉନଥିବାରୁ ଯମରାଜା କ୍ରୋଧିତ ହୋଇ ସେହି ପିଲାକୁ ବାନ୍ଧିଆଣିବା ନିମନ୍ତେ ଦୂତମାନଙ୍କୁ ପ୍ରେରଣ କଲେ । ଦୂତମାନେ କାଳପାଶରେ ସେହି ଯୁବକଙ୍କୁ ବାନ୍ଧିଆଣିବାରୁ ଯମଙ୍କ ମାଆ ବ୍ୟଥିତ ହୋଇ କହିଲେ,ଯଦି ତୁ ଏହି ନିରୀହ ରାଜକୁମାରଙ୍କ ପରିବର୍ତ୍ତେ କୌଣସୁ ବୃଦ୍ଧକୁ ଧରି ଆଣିଥାନ୍ତୁ ତାହାଲେ ମୋର ଆପତ୍ତି ନଥିଲା ମାତ୍ର ଏହାକୁ ଆଣି ତୁ ମୋତେ ମର୍ମାହତ କଲୁ । ଯମ କେବଳ ଏତିକି କହିଲେ ଏହାର ସତ୍ୟାସତ୍ୟ ମୁଁ ନିଶ୍ଚୟ ତୁମକୁ ବୁଝାଇଦେବି । ଥରେ ଯମରାଜା ତାଙ୍କ ମାଆଙ୍କୁ କହିଲେ ମାଆ ବାଡିରୁ ଖାଇବା ଲାଗି କଦଳୀ ଆଣିବ । ମାଆ ବାଡିକୁ ଯାଇ ପାଚିଲା କଦଳୀ ପରିବର୍ତ୍ତେ କଞ୍ଚାକଦଳୀ ଆଣିବାରୁ ଯମ ପଚାରିଲେ ପାଚିଲା ପରିବର୍ତ୍ତେ କାହିଁକି କଞ୍ଚାକଦଳୀ ଆଣିଛ? ମାଆ ନିଜର ଭୁଲ ବୁଝିପାରି ଚୁପ୍ ରହିଲେ । ସେତିକିବେଳେ ଯମ ବୁଝାଇ କହିଲେ ଏହି ପିଲାର ପିତାମାତା ସତ୍ୟ ଭଗ୍ନ କରିଥିବାରୁ ଯମଦୂତମାନେ ମୋ ନିର୍ଦ୍ଦେଶରେ ଏହାକୁ ବାନ୍ଧି ଆଣିଛନ୍ତି । ଏକଦା ଯମପୁରୀରେ ଯମଙ୍କ ମାଆ ବିଚରଣ କରୁଥିବା ସମୟରେ ସେହି ରାଜକୁମାରଟି ଛିଙ୍କି ଦେବାରୁ ଯମ ମାଆଙ୍କ ପାଟିରୁ ବାହାରି ଆସିଲା ଅମର ହୋଇଥା । ମୃତ୍ୟୁଲାଗି ଉଦ୍ଦିଷ୍ଟ ପୁତ୍ରକୁ ଅମରତ୍ୱ ପ୍ରଦାନ କରିଥିବାରୁ ଯମ କହିଲେ ମାଆ ମାନସିକ କରି ପୂରଣ କରିନଥିବାରୁ ମୁଁ ଏହିପୁତ୍ରକୁ ଲୁଚାଇ ରଖିଥିଲି ମାତ୍ର ତୁମେ ଏହାକୁ ଅମର ବର ଦେବାରୁ ସଂସାରରେ ମୋତେ ଆଉ କେହି ପୂଜା କରିବେ ନାହିଁ । ମାଆ ତାଙ୍କୁ ଆଶ୍ୱାସନା ଦେଇ କହିଲେ ଏହି ପୁତ୍ରକୁ ତାଙ୍କ ଘରେ ଛାଡି ଦେଇଆସ ଏବଂ ସେହି ରାଜକୁମାରଙ୍କୁ ବୁଝାଇଦେଲେ ମାର୍ଗଶିର ମାସ ପୂର୍ଣ୍ଣମୀରେ ଯେପରି ତାହାର ପିତାମାତା ପଣ୍ଡୁଓଷା କରନ୍ତି ନଚେତ୍ ସନ୍ତାନ କଷ୍ଟ ପାଇବେ । ଏଣୁ ମାର୍ଗଶିର ପୂର୍ଣ୍ଣମୀରେ ନାରୀମାନେ ପୁତ୍ରପ୍ରାପ୍ତି ଏବଂ ସନ୍ତାନର ନୀରୋଗ ଜୀବନ ପାଇଁ ପଣ୍ଡୁଓଷା କରନ୍ତି । ବ୍ରାହ୍ମଣ ଦ୍ୱାରାଯମରାଜାଙ୍କୁ ଧୂପଦୀପ ନୈବେଦ୍ୟ ଅର୍ପଣ କରନ୍ତି । ପୂଜାରେ ମଣ୍ଡାପିଠା ଭୋଗଲାଗି କରାଯାଏ । ଗୋବରଲିପା ଟୋକେଇର ଟୋକେଇଏ ଧନା କୁଟୀ ଚାଉଳ ପ୍ରସ୍ତୁତ କରାଯାଇ ସେଥିରେ ଚୂନାମଣ୍ଡା ପିଠା ପ୍ରସ୍ତୁତ କରାଯାଇ ଭୋଗଲାଗିବା ସହିତ ପଣ୍ଡୁଓଷା ବ୍ରତ ବହି ପାଠ କରାଯାଏ ।

॥ ଜୟ ଜଗନ୍ନାଥ ॥

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୩୯୪୮୪୫୮

# ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ ସୁସ୍ଥ ରୁହନ୍ତୁ



**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ଭୟାବହ କରୋନା ଅନେକଙ୍କର ବିଭିନ୍ନ ଦିଗକୁ ଦେଖିଲେ କ୍ଷତି କରିଛି। ତେବେ ସବୁଠାରୁ ବଡ଼ କ୍ଷତି ହୋଇଛି ସ୍ୱାସ୍ଥ୍ୟଗତ ଦିଗ। କରୋନା ପୂର୍ବରୁ ଅଧିକାଂଶ ଲୋକ ନିଜ ଦେହରେ ରୋଗପ୍ରତିରୋଧକ ଶକ୍ତି କ'ଣ ବୁଝୁନଥିଲେ। ସେହିପରି ଦୈନନ୍ଦିନ ଜୀବନରେ ଏକ ସ୍ୱାସ୍ଥ୍ୟପ୍ରଦ ରୁଟିନ୍‌ର ଆବଶ୍ୟକତା କ'ଣ ତାହା ସେମାନଙ୍କ ପାଇଁ ଏକ ଅନାବଶ୍ୟକ ଘଟଣା ଯେପରି ଥିଲା। ସେହିପରି ପରିଷ୍କାର ପରିଚ୍ଛନ୍ନତା ରହିବା ଓ ହାତଗୋଡ଼ ଭଲ ଭାବରେ ଧୋଇବା ଏକ ବଡ଼ ଶିକ୍ଷା। ସେହିପରି ଗରିଷ୍ଠ ଖାଦ୍ୟ ଓ ନିଶା ସେବନ ଜଣଙ୍କର ସ୍ୱାସ୍ଥ୍ୟଗତ କାରଣ ପାଇଁ କେତେ ଯେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ଏହି କରୋନା ଶିକ୍ଷା ଦେଇଛି। କହିବାକୁଗଲେ ୨୦୨୦ଟି ସ୍ୱାସ୍ଥ୍ୟଗତ କ୍ଷେତ୍ର ପାଇଁ ଯେଉଁ ଦୁଃଖ ପହଞ୍ଚାଇଛି ଏହାକୁ ଦୃଷ୍ଟିରେ ରଖି ଜଣେ ଆଗାମୀ ବର୍ଷର ଅନୁଚିନ୍ତା ଭାବରେ ନିଜ ଓ ନିଜ ପରିବାରର ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇଯାଇଛି। ଭାରତରେ ପ୍ରତି ତିନିଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମଧୁମେହ, ଉଚ୍ଚରକ୍ତଚାପରେ ପୀଡ଼ିତ। ଏକ ସର୍ଭେ ଅନୁଯାୟୀ ଆଜିକାଲି ବିଶ୍ୱରେ ସବୁଠାରୁ ଅଧିକ ଏହି ରୋଗୀ ଭାରତରେ ଦେଖାଯାଉଛନ୍ତି। ପ୍ରତ୍ୟେକ ବୟସର ପିଲା ଓ ବ୍ୟକ୍ତିଙ୍କଠାରେ କ୍ୟାନସର ଦେଖାଯାଉଛି। ୪୦ବର୍ଷ ବୟସ ପରେ ପ୍ରତି ତିନି ଜଣରେ ଜଣେ ମହିଳା ସ୍ତନ କ୍ୟାନସର, ଗର୍ଭାଶୟ କ୍ୟାନସରରେ ପୀଡ଼ିତ। ସେହିପରି ପୁରୁଷଙ୍କ ଠାରେ ପ୍ରୋଷ୍ଟେଟ କ୍ୟାନସର, ଆମାଶୟ କ୍ୟାନସର ଓ ହୃଦ୍‌ରୋଗ ସମସ୍ୟା ବଢ଼ୁଛି। ଅଧିକାଂଶ ରୋଗ ବଂଶଗତ, ଖରାପ ଜୀବନଶୈଳୀ ଓ ପରିବେଶ କାରଣରୁ ହୋଇଥାଏ। ଏଭଳି ବିଭିନ୍ନ ରୋଗରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରୀ। ରୋଗ ଆରମ୍ଭରୁ ଜଣାପଡ଼ିଗଲେ ବ୍ୟକ୍ତି ରୋଗମୁକ୍ତ ହୋଇପାରିବ। ହେଲେ ବିଳମ୍ବ ହେଲେ ଏହା ଜୀବନ ନିଏ। ନୂଆ ବର୍ଷରେ ଲୋକ କେତେ ପ୍ରକାର ତାଲିକା ପ୍ରସ୍ତୁତ କରୁଥିବେ। ଯଦି ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷାକୁ ତାଲିକା ଭୁକ୍ତ କରନ୍ତେ, ତେବେ ନିଜକୁ ସୁସ୍ଥ ରଖିବାରେ ସକ୍ଷମ ହୋଇପାରନ୍ତେ। ତେବେ ୨୫-୩୦ବର୍ଷ ପରେ କି କି ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରୀ ଏବେ ଜାଣିବା। ବ୍ରେଷ୍ଟ କ୍ୟାନସର : ପ୍ରତି ୧୦ଜଣ ମହିଳାଙ୍କ ମଧ୍ୟରୁ ଜଣେ ବ୍ରେଷ୍ଟ କ୍ୟାନସରର ଶିକାର ହୋଇଥାଏ। ଏଣୁ ପ୍ରତି ମହିଳା ୨୫-୩୦ ବର୍ଷ ପରେ ବ୍ରେଷ୍ଟ ପରୀକ୍ଷା କରିବା ଦରକାର। ବ୍ରେଷ୍ଟ କ୍ୟାନସର ଆରମ୍ଭରୁ ଚିକିତ୍ସା କଲେ ରୋଗ ମୁକ୍ତ ସମ୍ଭବ। ହେଲେ ବିଳମ୍ବ କଲେ ଏହା ଜୀବନ ନେଇପାରେ।

ଗ୍ଲୁକୋମା : ଯଦି ଥରେ ଆଖି ପରୀକ୍ଷା କରାଯାଏ, ତେବେ ସମସ୍ତ ପ୍ରକାର ଦୃଷ୍ଟି ଦୋଷ ଆରମ୍ଭରୁ ଜଣାପଡ଼ିଥାଏ। ଆଖିର ଏକ ପ୍ରକାର ରୋଗ ଗ୍ଲୁକୋମା। ଏହାକୁ ଆଖିର ସାଇଲେଣ୍ଟ କିଲର କୁହାଯାଏ। ଆଖିରେ ଚାପ ବଢ଼ିବା ଦ୍ୱାରା ଏହା ହୋଇଥାଏ। ଏହି ରୋଗ ହେବା ଦ୍ୱାରା ଅପ୍ଟିକାଲ ନର୍ଭ ଦୁର୍ବଳ ହୋଇଯାଏ। ଆରମ୍ଭରୁ ଏହାର ଚିକିତ୍ସା ନ କଲେ ବ୍ୟକ୍ତି ଦୃଷ୍ଟିଶକ୍ତି ହରାଇପାରେ। ଏହା ଧୀରେ ଧୀରେ ରେଟିନାକୁ ଖରାପ କରିଦେଇଥାଏ। ଫଳରେ ବ୍ୟକ୍ତି ଦେଖିପାରେ ନାହିଁ। ଯଦି ଏହା ଆରମ୍ଭରୁ ଜଣାପଡ଼ିଥାଏ, ତେବେ ଏହାଦ୍ୱାରା ରୋଗ ଚିକିତ୍ସା ସମ୍ଭବ ହୋଇଥାଏ। ଏଣୁ ଆଖି ଗ୍ଲୁକୋମା ଦିଗ ନିୟମିତ ବ୍ୟବଧାନରେ ପରୀକ୍ଷା କରିବା ଦରକାର।

କିଡ଼ନୀ ଷ୍ଟୋନ୍ : ବର୍ତ୍ତମାନର ଜୀବନଶୈଳୀ ଯୋଗୁଁ ଅଧିକାଂଶ ଯୁବପିଢ଼ୀମାନେ କିଡ୍‌ନୀ ଷ୍ଟୋନର ଶିକାର ହେଉଛନ୍ତି। ଏପରିକି କିଡ଼ନୀ ଡ୍ୟାମେଜର ଶିକାର ହେଉଛନ୍ତି। ଏଣୁ ନିୟମିତ ବ୍ୟବଧାନରେ କିଡ୍‌ନୀ ପରୀକ୍ଷା କରିବା ଦରକାର। ଯଦି ପରୀକ୍ଷା କରାନଯାଏ, କିଡ଼ନୀରେ ହୋଇଥିବା ସମସ୍ୟା ବଢ଼ିଯାଏ, ତାହା ଅକାମୀ ହୋଇଯିବାର ସମ୍ଭାବନା ବଢ଼ିଯାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଡ଼ନୀରେ କୌଣସି ସମସ୍ୟା ଦେଖାଦେଲେ ତାହା ଏତେ ଶୀଘ୍ର ଜଣାପଡ଼େ ନାହିଁ। ଜଣାପଡ଼ିବା ବେଳକୁ ଏହା ବିପଦମୁଖୀ ହୋଇସାରିଥାଏ।

ମୁଖ କର୍କଟ : ମୁଖ କର୍କଟ ଏପରି ଏକ ରୋଗ ଯାହା ଆରମ୍ଭରୁ ଜଣାପଡ଼ିନଥାଏ। ଏହାର କୌଣସି ଲକ୍ଷଣ ମଧ ସେହିପରି ଜଣାପଡ଼ିନଥାଏ। ଫଳରେ ଜଣାପଡ଼ିବା ବେଳକୁ ବ୍ୟକ୍ତିର ଜୀବନ ଯିବା ସାର ହୋଇଥାଏ। ମୁଖ କର୍କଟ ହେବାର ୫ବର୍ଷ ପରେ ଜଣାପଡ଼ିଥାଏ। ଦାନ୍ତ ଭଲ ଭାବରେ ସଫା ହେଉନଥିଲେ ପାଇରିଆ ରୋଗ ହୋଇଥାଏ। ଏହାର ଚିକିତ୍ସା ନ କଲେ ମାଢ଼ି ଖାଇ ଦାନ୍ତ ଗଳିପଡ଼େ। ମାଢ଼ିରୁ ରକ୍ତ ବାହାରେ। ଏହା ଯଦି ଭଲ ନ ହୋଇପାରେ କ୍ୟାନସରର ରୂପ ନିଏ। ଯେଉଁମାନେ ତମାଖୁ ଖାଉଛନ୍ତି ସେମାନଙ୍କ ଠାରେ ମୁଖ କର୍କଟ ହେବାର ସମ୍ଭାବନା ଥାଏ। ପାଟିରେ କର୍କଟ ହେଲାପରେ ପାଟି ଧୀରେ ଧୀରେ ଖୋଲି ହୁଏନାହିଁ। ଏଣୁ ପ୍ରଥମରୁ ନିୟମିତ ବ୍ୟବଧାନରେ ମୁଖ ପରୀକ୍ଷା କରି ମୁଖ କର୍କଟ ସମସ୍ୟାରୁ ମୁକ୍ତି ପାଇବା ଦରକାର। ଆସନ୍ତୁ ନିଜ ଶରୀର ପାଇଁ ଚିନ୍ତାଶୀଳ ଓ ଯତ୍ନଶୀଳ ହେବା।

+ଶିଖରପୁର ଉପରସାହି, କଟକ

# ଫୁଟବଲ୍ ମାଧ୍ୟମରେ ହୃଦୟ ଯୋଡ଼ିବାର ପ୍ରୟାସ



**ଅଚ୍ୟୁତ ସାମନ୍ତ**

ଖୁସିର କଥା ୨୦୨୨ରେ ଓଡ଼ିଶରେ ୧୭ବର୍ଷରୁ କମ୍ ବିଶ୍ୱ ମହିଳା ଫୁଟବଲ୍ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱେର ଫୁଟବଲ୍ ହେଉଛି ଏକ ଲୋକପ୍ରିୟ କ୍ରୀଡ଼ା। କ୍ରୀଡ଼ା ମାଧ୍ୟମରେ ବିଶ୍ୱବାସୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖାଯାଇପାରେ। ଏହି ଅବସରରେ ଆନ୍ତର୍ଜାତିକ ଫୁଟବଲ୍ ସଂଘ (ଫିଫା)ର ସଭାପତି ଜିଓବାନି ଭିନ୍‌ସେଞ୍ଜା ଇନ୍‌ଫାନ୍‌ଟିନୋଙ୍କ ପ୍ରୟାସ ବେଶ ପ୍ରଶଂସନୀୟ। ଫୁଟବଲ୍ ମାଧ୍ୟମରେ ସମଗ୍ର ବିଶ୍ୱବାସୀଙ୍କୁ ଯୋଡ଼ିବା ପାଇଁ ସେ ପ୍ରୟାସ ଆରମ୍ଭ କରିଛନ୍ତି। ଫୁଟବଲ୍‌କୁ ଏକ କ୍ରୀଡ଼ା ଭାବେ ସମଗ୍ର ବିଶ୍ୱରେ ପହଞ୍ଚାଇବା ପାଇଁ ସେ କେବଳ ପ୍ରତିଶ୍ରୁତିବଦ୍ଧ ତା ନହେଁ, ଫୁଟବଲ୍ ମାଧ୍ୟମରେ ଅବହେଳିତ ବଗର୍ର ଶିଶୁ ଓ ଯୁବକେଗାଷ୍ଠୀ ମଧ୍ୟେର ଆଶା ସଞ୍ଚାର କରିବା ହେଉଛି ତାଙ୍କର ଲକ୍ଷ୍ୟ। ତାଙ୍କ ମତରେ ଫୁଟ୍‌ବଲ୍ କେବଳ ଏକ ଖେଳ ନହେଁ, ଏହା ଏକ ଆଶା। ପ୍ରକୃତେର ଫୁଟ୍‌ବଲ୍ ମାଧ୍ୟମେର ସେ ବିଶ୍ୱର ଲକ୍ଷଲକ୍ଷ ଅବେହଳିତ ଶିଶୁଙ୍କ ମଧ୍ୟେର ଆଶା ସଞ୍ଚାର କରି ପାରିଛନ୍ତି। ବିଶ୍ୱର ସମସ୍ତ ଶିଶୁଙ୍କ ନିକଟେର ଫୁଟବଲ୍‌କୁ ପହଞ୍ଚାଇବାରେ ସେ ବିଶ୍ୱାସ କରନ୍ତି। ଫିଫାର ସଭାପତି ନିର୍ବାଚିତ ହେବା ପୂର୍ବରୁ ଇଉରୋପୀୟ ଇଉନିଅନ ଫୁଟବଲ୍ ଆସୋସିଏସନ୍ (ୟୁଇଏଫ୍ଏ)ର ସାଧାରଣ ସମ୍ପାଦକ ଭାବେ ୨୦୦୯ ମସିହାରୁ ୨୦୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଇନ୍‌ଫାନ୍‌ର୍ଟିନୋ ୟୁଇଏଫ୍ଏର ପ୍ରଶାସନିକ କାର୍ଯ୍ୟରେ ରହିବା ପେର ସେ ଇଉରୋପରେ ଫୁଟବଲ ଜାତୀୟ ଟିମ୍ ଓ କ୍ଲବ୍ ଫୁଟ୍‌ବଲ୍‌କୁ ସୁଦୃଢ଼ କରିବାରେ ସହାୟକ ହୋଇଥିଲେ। ସେତେବେଳେ ସେ ଇଉରୋପୀୟ ଫୁଟ୍‌ବଲ୍ ପାଇଁ ଫାଇନାନ୍‌ସିଆଲ୍ ଫେୟାର ପ୍ଲେ ଭଳି ବିଭିନ୍ନ ପ୍ରୟାସ ମାଧ୍ୟମରେ ଏକ ସୁଦୃଢ଼ ଗଣତାନ୍ତ୍ରିକ ଓ ସ୍ଥାୟୀ ପରିବେଶ ସୃଷ୍ଟି କରି ପାରିଥିଲେ। ଇନ୍‌ଫାନ୍‌ଟିନୋ ଫିଫାର ସଭାପତି ହେବା ପରେ ଫିଫାକୁ ସର୍ବାଧିକ ବିଶ୍ୱସନୀୟ ଅତ୍ୟାଧୁନିକ ବୃତ୍ତିଗତ ଉତ୍ତରଦାୟୀ ସଂଗଠନରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଫିଫା ପରିଷଦ ସହ କାର୍ଯ୍ୟ କରିବା ସମୟରେ ଫିଫାର ସଂଗଠନ ସଦସ୍ୟ ସଂଖ୍ୟା ୨୦୧୧କୁ ବୃଦ୍ଧି ପାଇଥିବା ବେଳେ ଫିଫା ପ୍ରଶାସନରେ କମର୍ଚାରୀଙ୍କ ସଂଖ୍ୟା ୮ଶହରୁ ଉର୍ଦ୍ଧ୍ୱ ହୋଇଥିଲା। ଅନେକ ସଂସ୍କାର ମୂଳକ କାର୍ଯ୍ୟ ମାଧ୍ୟମରେ ସେ ଏହି ସଫଳତା ପାଇଥିଲେ। ସେ ଫିଫାରେ ଉତ୍ତମ ପ୍ରଶାସନ ଏବଂ ଅନୁ ପାଳନ କାର୍ଯ୍ୟ ଏବଂ ବ୍ୟାପକ ପ୍ରୟାସ ଆରମ୍ଭ କରିଥିଲେ। ସେଗୁଡ଼ିକ ମଧ୍ୟେର ସବୁଠାରୁ ପ୍ରମୁଖ ହେଉଛି ଫିଫାରେ ସୁବ୍ୟବସ୍ଥିତ ଏବଂ ଉତ୍ତରଦାୟୀ ଫୁଟ୍‌ବଲ୍ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଯାହାକି ଫିଫା ଇତିହାସରେ ପ୍ରଥମ। ଫଳରେ ଫିଫାର ସଦସ୍ୟ ସଂଗଠନଗୁଡ଼ିକ ୨୦୧୫ ମସିହାରେ ଯେତିକି ପୁଞ୍ଜି ବିନିଯୋଗ କରିଥିଲେ ତାର ୫ ଗୁଣା ପାଇବାକୁ ହକ୍‌ଦାର ହେଲ। ଇନ୍‌ଫାନ୍‌ଟିନୋ ଫିଫାରେ ଅନେକେଗୁଡ଼ିଏ ସଂସ୍କାର ଆଣିବାରେ ସଫଳ ହୋଇ ଫିଫାକୁ ନୂତନ ରୂ ଦେଇଥିଲେ। ଫିଫା କେବଳ ଫୁଟବଲ୍ ଖେଳରେ ସୀମିତ ନ ରହି ଏହା ପ୍ରତ୍ୟକ୍ଷ ଭାବେ ବିଶ୍ୱ ସମାଜର ଜେଣ ଦାୟିତ୍ୱବାନ ସଦସ୍ୟର ଭୂମିକା ନିଭାଇବା ପାଇଁ ତାର କାର୍ଯ୍ୟକ୍ରମକୁ ଆହୁରି ପରିବର୍ଦ୍ଧିତ କରିଥିଲା। ତାହା ସ୍କୁଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ପାଇଁ ଶିକ୍ଷା ଓ ଜୀବନ କୌଶଳର ପ୍ରୋତ୍ସାହନ ହେଉ ବା ଫିଫା ଅଭିଭାବକଙ୍କ ପ୍ରୟାସେର ଫୁଟବଲ୍ ଖେଳାଳିଙ୍କ ପରିବାରର ନାବାଳକ ଓ ଆର୍ଥିକ ଅନଗ୍ରସର ସଦସ୍ୟଙ୍କୁ ସୁରକ୍ଷା ଦେବା ଆଦି ଦିଗରେ ସେ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ସକାରାତ୍ମକ ସାମାଜିକ ବିକାଶ ଦିଗେର ଫୁଟ୍‌ବଲ୍‌କୁ ଏକ ଅନନ୍ୟ ଶକ୍ତି ଭାବେ ବ୍ୟବହାର ନିମେନ୍ତ ଫିଫା ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ଯଥା ଜାତିସଂଘ, ଆଫ୍ରିକୀୟ ୟୁନିଅନ, ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରସଂଘ (ଆସେଇନ୍) ସହ ଏକାଠି ହୋଇ କାମ କରୁଛନ୍ତି। ବିଶ୍ୱର ପ୍ରତ୍ୟେକ ଉପମାହଦେଶ ଓ ମହାଦେଶରେ ଫୁଟବଲ୍‌ର ସମାନ ମାନଦଣ୍ଡ ଏବଂ ସାଂଗଠନିକ ସମାନତା ମାଧ୍ୟମରେ ଫୁଟବଲ୍‌ର ସଂପ୍ରସାରଣ କରି ଏହାକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବା ପାଇଁ ଇନ୍‌ଫାନ୍‌ଟିନୋଙ୍କ ଦୀଘର୍ସ୍ଥାୟୀ ଲକ୍ଷ୍ୟ ରହିଛି। ବିଶ୍ୱର ସମ୍ମାନଜନକ ଫୁଟ୍‌ବଲ୍ ପ୍ରତିଯୋଗିତା ଫିଫା ବିଶ୍ୱକପ୍ ଏବଂ ଫିଫା ମହିଳା ବିଶ୍ୱକପ୍‌ରେ ଯେପରି ପ୍ରତ୍ୟେକ ଉପମହାଦେଶ ଅଂଶଗ୍ରହଣ କରି ପାରିବେ ତାହା ମଧ ତାଙ୍କର ଲକ୍ଷ୍ୟ ରହିଛି। ସେ ଇଉଇଏଫ୍ଏ୍‌ରେ ଯୋଗଦେବା ପୂର୍ବରୁ ନିଉଚାର୍‌ଟେଲ୍ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର ଫର୍ ସ୍ପୋର୍ଟ ଷ୍ଟଡିଜ୍‌ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏହାଛଡ଼ା ତାଙ୍କର ମଧ ଇଟାଲୀ, ସ୍ପେନ୍ ଓ ସୁଇଜରଲାଣ୍ଡର ଅନେକ ଫୁଟବଲ୍ ସଂଗଠନର ପରାମର୍ଶଦାତା ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। କେବଳ ସେତିକି ନହେଁ, ଫିଫାର ସଭାପତି ଭାବେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରେ ଫିଫା ପ୍ରଶାସନରେ ସ୍ୱଚ୍ଛତା ଆଣିବା, ଫିଫା ଫରଓ୍ୱାର୍ଡ ପ୍ରୋଗ୍ରାମ ପ୍ରଚଳନ କରିବା, ସମଗ୍ର ବିଶ୍ୱେର ଫୁଟ୍‌ବଲ୍ ବିକାଶ ପୁଞ୍ଜି ନିବେଶରେ ବିପ୍ଳବ ଆଣିବା, ଫିଫାରେ ଏକ ମହିଳା ଫୁଟବଲ୍ ଶାଖା ପ୍ରତିଷ୍ଠା କରିବା ଏବଂ ପ୍ରଥମ କରି ଫିଫା ମହିଳା ଫୁଟବଲ୍ ରଣନୀତି କାର୍ଯ୍ୟକାରୀ କରିବା ଆଦି ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରୁ ଅନ୍ୟତମ।

କନ୍ଧମାଳ ସାଂସଦ,
ସଭାପତି, ଭାରତୀୟ ଭଲିବଲ୍ ସଂଘ
ପ୍ରତିଷ୍ଠାତା, କିଟ୍ ଓ କିସ୍

## କବିତା କୋଣାର୍କ

### କୋଣାର୍କ କନ୍ୟା...

**ବେଣୁଧର ସୂତାର**

ମୁକଳା ଯୌବନ
ଲାସ୍ୟ ନଟୀ ମୁଁ ଯେ
କୋଣାରକ ଶିଳା ଗାତ୍ରେ
ଶ୍ୟାମନୀଳ ତନୁ
ପ୍ରୀତି ଜରଜର
କମନୀୟ କାମସୂତ୍ରେ।

ଅସରନ୍ତି କଳ୍ପନାର ଚିତ୍ର
ମୋ ନୟନ ନୀଳଉପକୂଳେ
ନାହିଁ ମନେ ଛଳନାର ଗନ୍ଧ
ନିଃସଙ୍ଗ ମୋ ଜୀବନର ଛନ୍ଦ
ପରାଜିତ ତନୁମନ
ଯଉବନ ଜଳେ।

ସେଇ ଜହ୍ନ ସେଇ ରାତି
ଦିତ୍ୱୀୟା ଜହ୍ନରେ ପ୍ରୀତି
ପ୍ରୀତି ମଦିରାର ନିଶା
ମନେ ମୌନ ପରିଭାଷା
ଅଙ୍ଗେ ଅଙ୍ଗେ ରୋମାଞ୍ଚିତ ଶୀତ।

ବେଳାଭୂଇଁ ବାଲିକୋଳେ
ଅଭିମାନୀ ଛାତି ତଳେ
ଲଭିବାକୁ ଆକାଶର
ନୀଳ ଆତ୍ମୀୟତା
ମୁରଲୀର ସ୍ୱନ ବିନା
କଦମ୍ବ ଫୁଟେନି କି, ନା
ତଥାପି ମୁଁ ଗାଇଚାଲେ
ଜୀବନର ଅବୁଝା କବିତା।

ମୁଁ ପରା କୋଣାର୍କ କନ୍ୟା
ପରବାସୀ ଶିଳ୍ପୀର ଦୁହିତା
ଚିର ଅଭିଶପ୍ତା ପ୍ରାଣେ
ନାହିଁ ମୋ ପୂର୍ଣ୍ଣତା
ଅନନ୍ତ ପ୍ରତୀକ୍ଷା ଭରିଦିଏ
ହୃଦେମୋର ନିଃଶବ୍ଦଶୂନ୍ୟତା।

+କେଶଦୂରାପାଳ, କେନ୍ଦୁଝର

## କବିତା କୋଣାର୍କ

### ଅମର ପ୍ରେମର କବି...

**ବିନୟ ଭୂଷଣ ପାଣିଗ୍ରାହୀ**



ତମ ନାଁ ଲେଖିବା ପାଇଁକା
ଖୋଜୁଛି ମୁଁ କାଳ କାଳ ଧରି
ମୁକ୍ତାକାଶ ସ୍ୱଚ୍ଛନ୍ଦରେ ଉଡୁଥିବା
ସାରସ ପକ୍ଷୀର ପରଟେ
ଆଉ ଏମିତି ରଙ୍ଗର ସ୍ୟାହି
ଯାହା ଖାଲି ଦୃଶ୍ୟମାନ ହେଉଥିବ
ମୋତେ ଓ ତୁମକୁ
ଚାରି ଆଖି ମିଶିଯାଇ
ହେଲେ ଏକାକାର।

କେହି କିଛି ଜାଣିବା ଆଗରୁ,
କେହି କିଛି କହିବା ଆଗରୁ,
ଆଉକେହି ଲେଖିବାକୁ ଭାବିବା ପୂର୍ବରୁ,
ସାଥି ଆଗୋ ମୋ'ର!
ତମ ନାଁ ଲେଖିଦେବି ସ୍ୱର୍ଣ୍ଣାକ୍ଷରେ
ମୋ' ନାଁ ପାଖରେ
ମୋ' ଏକାନ୍ତ ହୃଦୟ ପଞ୍ଜରେ,
ମୋ' ଦୁନିଆରେ
ଆଖିରୁ ଆକାଶ ଯାଏ ପରିବ୍ୟାପ୍ତ
ପାଣି-ପବନରେ,
ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ବେଳାର
ପରିବ୍ୟାପ୍ତ ରକ୍ତିମାକାଶରେ,
ଦିଗ ମାନଙ୍କରେ, ଦିଗନ୍ତରେ,
ସର୍ବୋପରି;
ପ୍ରାରବ୍ଧରୁ ପର ଜନ୍ମ ଯାଏ।

ଲେଖିବି ମୁଁ
ସାରସର ପ୍ରେମସିକ୍ତ ପର ଲେଖନୀରେ
ଏମିତି ଏତେ ଶରଧାରେ ଯେ
ପ୍ରେମ ଆମ ହେଇଯିବ ଅମର ସଙ୍ଗୀତ;
'ତମ' 'ମୋ' ଜୀବନର
ଗୋଟିଗୋଟି ପ୍ରତି ମୁହୂର୍ତ୍ତର,
ଇହକାଳ, ପରକାଳ, ତା'ପର କାଳର।

ଯୁଗରୁ ଯୁଗାନ୍ତ ଯାକେ,
ହେଇଯିବି ଅମର କବିଟେ ମୁଁ
ଅନନ୍ୟ ପ୍ରେମର ସେ
ପ୍ରେମ କବିତାର।

ପ୍ଲଟ ନଂ-୩୪୨, ସେକ୍ଟର-୫
ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର-୭୫୧୨୨୧,ଓଡ଼ିଶା

### ଅପେକ୍ଷାରେ ତୁମ ଆସିବାର...

**କ୍ଷୀରୋଦ୍ର କୁମାର ସାହୁ**

ତୁମେ ଆସିବ ବୋଲି
ଗବାକ୍ଷରୁ ଅପଲକ ନୟନରେ
ବାରମ୍ବାର ନିରେଖେଇ ଥିଲି।

ପବନ ଆସିଲା
ମୋର ବିନା ଅନୁମତିରେ
ଜୋର ଜବରଦସ୍ତ
କବାଟ ସବୁକୁ ଧକ୍କା ଦେଇ।

ଆଜି ସବୁ ଫରଚା
ମନ ଭିତରର ଅଲନ୍ଧୁ ସବୁ
ବାରମ୍ବାର
ସଫେଦ କରୁଥିଲି।

ହୃଦୟର ପ୍ରତି ଅହଂକାରକୁ
ଝାଡ଼ି ଝୁଡ଼ି ଦେଇ
ଘରର ସବୁ ଜଂଜାଳକୁ
ବାନ୍ଧିଦେଲି ଆତ୍ମ ସମୀକ୍ଷାର
ପେଟି ଭିତରେ।

ପୋଛିଦେଲି
ଅହମିକା ହିଂସା ଦ୍ୱେଷ
ମନୋମାଳିନ୍ୟତା।

ତୁମେ ଆସିଲେ
ସ୍ୱାଚ୍ଛନ୍ଦରେ
ବିଚରିବା ବୋଲି
ଚଟାଣରୁ ବାରମ୍ବାର
ପୋଛୁଥିଲି ଆତ୍ମା ଗ୍ଲାନିର
ଧୂଳିକଣା ସବୁ।

ବରପିଟା, ପାଟଣାଗଡ଼
ବଲାଙ୍ଗିର
ମୋ:୯୮୬୧୮୫୨୫୮୭



## ଦାଣ୍ଡ ପହଁରା ଓଷା




**ପଣ୍ଡିତ ହରେକୃଷ୍ଣ ପତି**
ଶିଖରପୁର ଉପରସାହି, କଟକ


ଓଡ଼ିଶା ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏଠି ବାରମାସରେ ତେର ପର୍ବ ପାଳନ କରିବାର ଅନେକ ଉଦାହରଣ ରହିଛି। କୃଷିଭିତିକ ପର୍ବ ଅକ୍ଷୟ ତୃତୀୟା, ନୂଆଖାଇ, ମାଣବସା ପରି ଦାଣ୍ଡ ପହଁରା ଓଷା ବା ବାଟ ଓଷା ଅନ୍ୟତମ ଅଟେ। ଏହା ମାଘ ମାସ କୃଷ୍ଣ ତୃତୀୟା ତିଥି ରାତ୍ର ତୃତୀୟ ଘଡ଼ିରେ ପାଳନ କରାଯାଏ। ଏହି ପର୍ବର ଆଭିମୁଖ୍ୟ ମୁଖ୍ୟତଃ ଯମରାଜଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ମାତାମାନେ ନିଜର ପୁତ୍ରମାନଙ୍କର ଦୀର୍ଘଜୀବନ କାମନା କରି ରାତ୍ରରେ ଉପବାସ ରହି ବଜ୍ରମୂଳିରେ ଦାଣ୍ଡ ପହଁରି ନିଜ ନିଜର ପୁତ୍ରମାନଙ୍କୁ ଝାଡ଼ିଥାନ୍ତି। ଇନ୍ଦ୍ରଙ୍କର ଅମୋଘ ଅସ୍ତ୍ର ହେଉଛି ବଜ୍ର। ସେଥିପାଇଁ ପ୍ରବାଦ ଅଛି-ମାତାମାନେ ନିଜ ସନ୍ତାନର ଦୀର୍ଘଜୀବନ କାମନା କରି ଓଷା ମଣ୍ଡପର ଚତୁର୍ପାଶ୍ୱକୁ ବଜ୍ରମୂଳିରେ ପହଁରିବା ପରେ ସେଥିରେ ସନ୍ତାନମାନଙ୍କୁ ଝାଡ଼ିଥାନ୍ତି। ସୃଷ୍ଟିର ଆରମ୍ଭ ନିରାକାର ବ୍ରହ୍ମ ଦ୍ୱାରା ତେତ୍ରିଶ କୋଟି ଦେବତା, ଗନ୍ଧର୍ବ, କିନ୍ନର ଓ ଛପନ କୋଟି ଜୀବଙ୍କର ରଚନା କରିଥିଲେ। ସେମାନଙ୍କର ପାଳନ ପାଇଁ ବିଷ୍ଣୁ ଦେବତାଙ୍କ ମଧ୍ୟରେ ବିଭାଗମାନ ବଂଟନ କରିଥିଲେ। ତନ୍ମଧ୍ୟରୁ ମୃତ୍ୟୁର ଦେବତା ଯମ ଅତି କଠୋର ଓ ମର୍ମୁଦ ବୋଲି ପୁରାଣ ଗ୍ରନ୍ଥରେ ଆମେ ପଢିଛେ। ପ୍ରାଣୀମାନଙ୍କ କର୍ମ ଅନୁସାରେ ଯମ ଦେବତା ଦଣ୍ଡବିଧାନ କରିଥାନ୍ତି। ତତଲା ତେଲ କଡ଼ାରେ ପକାଇବା, ତାହାକୁ ଚକ୍ଷୁ ଏବଂ କର୍ଣ୍ଣରେ ଢାଳିବା, ଅସତୀ ଦୋଚାରୁଣୀମାନଙ୍କୁ ଶିମିଳି ଗଛରେ ଟାଙ୍ଗିବା ସହ ବିଛା, କଙ୍କଡ଼ା, ନାଗମାନଙ୍କ ଦ୍ୱାରା ଅନେକ ଯନ୍ତ୍ରଣା ଦିଅନ୍ତି। ଏସବୁ ଯନ୍ତ୍ରଣାରୁ ରକ୍ଷା କରିବା ଏବଂ ଯମଙ୍କୁ ସନ୍ତୋଷ କରିବା ଉଦ୍ଦେଶ୍ୟରେ ବାଟ ଓଷା ବା ଦାଣ୍ଡ ପହଁରା ଓଷାର ସୃଷ୍ଟି। ଏହି ଓଷା, ପଣ୍ଡୁ ପୂର୍ଣ୍ଣମୀ ଗତ ହେବା ପରେ ତୃତୀୟା, ସପ୍ତମୀ ଓ ନବମୀ ଆଦି ତିଥିରେ ଓଷା କରିବାର ବିଧାନ ରହିଛି। ଏହା ଏକ କୃଷିଭିତିକ ପର୍ବ ହୋଇଥିବାରୁ, ନୂଆ ଧାନ କୁଟି ମଣ୍ଡା ପିଠା, ମୁଢ଼ି, ଖଇ, ମୁଆଁ, ଚୁଡ଼ା, କଦଳୀ, ମୂଳା, ଆଖୁ, କରମଙ୍ଗା, କନ୍ଦମୂଳ, ତୁଷ ଓ କୁଣ୍ଡା ଆଦି ନୈବେଦ୍ୟ କରାଯାଏ। ଗାଁ ଦାଣ୍ଡ ବା ବନସ୍ତରେ ଗର୍ତ ଖୋଳାଯାଇ, ଗୋଟିଏ ପାତ୍ରରେ ସିନ୍ଦୂରରେ ଯମଙ୍କ ପ୍ରତିମା ସ୍ଥାପନ ପୂର୍ବକ ମାତାମାନେ ଚାରିପଟେ ଚାଙ୍ଗୁଡ଼ା ଧରି, ବଜ୍ରମୂଳି ଉପରେ ରଖି କପଡ଼ା ଢାଙ୍କି ବସନ୍ତି ଏବଂ ଯମ ଦେବତାଙ୍କୁ ଷୋଡ଼ଶୋପଚାରରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରନ୍ତି। ତାହା ପରେ ମାତାମାନେ ନିଜ ସନ୍ତାନମାନଙ୍କର ଦୀର୍ଘଜୀବନ କାମନା କରି ଯମଙ୍କୁ ସ୍ମରଣ କରିଥାନ୍ତି। ଏହିପରି ପାଟଳିପୁତ୍ରର ଜଣେ ବ୍ରାହ୍ମଣଙ୍କର ସାତଗୋଟି ପୁତ୍ର ମୃତ୍ୟୁବରଣ କରିଥିବା ହେତୁ ସ୍ୱପ୍ନରେ ବିଷ୍ଣୁ ବାଟ ଓଷାର ବିଧାନ ବତାଇଥିଲେ। ଏହି ଓଷା କରିବା ଦ୍ୱାରା ଧନଧାନ୍ୟ ଓ ପୁତ୍ର ପ୍ରାପ୍ତି ହୋଇଥିଲା। ସେହିପରି ପୁରାଣରେ କିମ୍ବଦନ୍ତୀ ଅଛି, କୋଶଳ ଦେଶର ରାଜା ସୁଦର୍ଶନ ଓ ରାଣୀ ଲୀଳାବତୀ, ଦୁହେଁ ପରୋପକାରୀ ଓ ପ୍ରଜାବତ୍ସଳ ହୋଇଥିଲେ ମଧ୍ୟ ପୁତ୍ର ସନ୍ତାନ ନଥିବାରୁ ମନସ୍ତାପ କରିଥିଲେ। ବିଜ୍ଞ ବ୍ରାହ୍ମଣ, ଜ୍ୟୋତିଷ, ଦାଣ୍ଡ ପହଁରା ବା ବାଟ ଓଷା କରିବା ଦ୍ୱାରା ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ର ପ୍ରାପ୍ତି ହେବ ବୋଲି ପରାମର୍ଶ ଦେଇଥିଲେ। ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କ ଠାରୁ ପ୍ରସାଦ ପାଇ ରାଣୀ ଗର୍ଭବତୀ ହେବା ସହ ଉତମ ପୁତ୍ର ପ୍ରାପ୍ତ କରିଥିଲେ, ଯାହାର ନାମ ବୀରସେନ। ରାଣୀ, ଯମ ଦେବତାଙ୍କ ବାଟ ଓଷା ନ କରିବା ଦ୍ୱାରା ବୀରସେନଙ୍କୁ ଯମ ଅପହରଣ କରି ନେଇଥିଲେ ଏବଂ ନିଜର ମାତାଙ୍କୁ ତାଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବା ପାଇଁ କହିଥିଲେ। ଯମ ସ୍ନାନ କରିବାକୁ ଚାଲିଗଲେ। ଇତ୍ୟବସରରେ ବୀରସେନଙ୍କ ନାକରେ ଦୁଇ ଖଣ୍ଡ କାଠି ପୂରାଇ ପୂଜା ସମୟରେ ଛିଙ୍କିବା ପାଇଁ ଯମଙ୍କ ମାତା ଶିଖାଇ ଦେଲେ। ବୀରସେନ, ଯମମାତାଙ୍କ କହିବା ଅନୁସାରେ ନାକରେ କାଠି ପୂରାଇ ଛିଙ୍କିଥିଲେ। ଏହି ସମୟରେ ଯମମାତା ଅଛଅମର ହୁଅ ବୋଲି କହିଦେଲେ। ଯାହା ଫଳରେ ଯମଦେବ ବୀରସେନଙ୍କୁ ନମାରି, ବାଟ ଓଷା ନକଲେ ପୁନର୍ବାର ନେଇଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ତାଙ୍କୁ ଘରେ ଛାଡ଼ି ଦେଇଗଲେ। ପରିବାରବର୍ଗ ବୀରସେନଙ୍କୁ ପାଇ ଅତ୍ୟନ୍ତ ଖୁସି ହୋଇଥିଲେ ମଧ୍ୟ କାହିଁକି ରୁଷିଥିଲେ ବୋଲି ପଚାରିବାରୁ ଉତରରେ କହିଲେ, ତୁମେ ଯମଦେବଙ୍କ ବାଟ ଓଷାକୁ ଭୁଲି ଯାଇଥିବାରୁ ମୋତେ ଧରି ନେଇଥିଲେ ବୋଲି କହିଥିଲେ। ଶେଷରେ ରାଜଗୃହରେ ମାତା କୌଶଲ୍ୟା ଯମଦେବଙ୍କ ବାଟ ଓଷା କରି, ଦାଣ୍ଡ ପହଁରି, ପୁତ୍ରର ଦୀର୍ଘ ଜୀବନ କାମନା କରିଥିଲେ। ଏହି ପୂଜାର ନିୟମ, ସବୁ ପ୍ରସାଦ ପୂଜା ମଣ୍ଡପକୁ ନେବେ ଏବଂ ଘରେ ଲେଭ ବଶତଃ ପୂଜା ଦ୍ରବ୍ୟ ରଖିଲେ ଯମ ଅସନ୍ତୋଷ ହୋଇଥାନ୍ତି। ପୂଜା ଅନ୍ତେ ସମସ୍ତ ପ୍ରସାଦକୁ ବାଳକ, ବୃଦ୍ଧ ଓ ପରିବାରବର୍ଗଙ୍କ ମଧ୍ୟରେ ବାଂଟି ଦେବା ବିଧେୟ।


+ପଧାନପଡ଼ା, ବନ୍ତ, ଭଦ୍ରକ
ମୋ.୯୪୩୭୭୦୭୪୩୪


## ବରଫପାତ ହେଉଥିବା ଅଞ୍ଚଳର ଲୋକଙ୍କ ଜୀବନ ଶୈଳୀ



ଭାରତର ହିମାଚଳ ପ୍ରଦେଶର କେତେକ ଅଞ୍ଚଳ ତଥା ରୁଷିଆ ଓ ଆମେରିକାର ପ୍ରମୁଖ ସ୍ଥାନରେ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ବରଫପାତ ହୋଇଥାଏ। ତେବେ ଏହି ବରଫପାତ ପୂର୍ବରୁ ସ୍ଥାନୀୟ ଲୋକେ ନିଜ ଜୀବନଶୈଳୀକୁ ନେଇ ବେଶ୍ ସଚେତନ ହୋଇଥାନ୍ତି।

ରୁଷିଆର ଯେଉଁ ପ୍ରାନ୍ତରେ ବରଫପାତ ହୁଏ, ସେହି ଅଞ୍ଚଳର ଲୋକେ ୬ ମାସ ପାଇଁ ଖାଦ୍ୟ ସଂଗ୍ରହ କରନ୍ତି। ଶୁଖିଲା ଖାଦ୍ୟ ସହ ଘରେ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଲୋକେ ମହଜୁଦ୍ ରଖୁଥିବାର ପ୍ରକାଶ।

ଆମେରିକାର ଯେଉଁ ପ୍ରାନ୍ତରେ ବରଫାପାତ ହୁଏ, ସେଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ। ବରଫାପାତ କମ ହେବା ମାତ୍ରେ ଲୋକଙ୍କୁ ସ୍ଥାନୀୟ ମଲ୍ ଓ ଦୋକାନ ଯାଇ କିଣାକିରି କରିବାକୁ ସଙ୍କେତ ଦିଆଯାଏ ।

ଏହି ଅଞ୍ଚଳର ବିଦ୍ୟାଳୟରେ ମଧ୍ୟ ସେହିପରି ଭାବେ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି। ବରଫାପାତ ହେବା ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦିଏ। ଏହାକୁ ଲକ୍ଷ୍ୟ ରଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ହୋମୱାର୍କ ଅଧିକ ପରିମାଣର ଦିଅନ୍ତି।

ବୟସ୍କ ଲୋକେ ଓ ଛୋଟ ପିଲାଙ୍କ ଶରୀର ଅସୁସ୍ଥ ଏହି ସମୟରେ ସବୁଠୁ ବଡ଼ ଅସୁବିଧା ସୃଷ୍ଟି କରେ ବୋଲି ଅଧିକାଂଶ ମତ ଦେଇଛନ୍ତି।





## ଓସେନ୍ ପାର୍କ




ଓସେନ୍ ପାର୍କ ହଂକଂର ସବୁଠୁ ପ୍ରସିଦ୍ଧ ତଥା ଲୋକପ୍ରିୟ ପାର୍କ । ଏଠାରେ ଆପଣଙ୍କୁ ଆକର୍ଷଣରେ ଭରପୂର ବିଭିନ୍ନ ପ୍ରକାର ମନୋରଞ୍ଜନର ଖୋରାକ୍ ମିଳିଯିବ । ଦୀର୍ଘବର୍ଷରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହି ଓସେନ୍ ପାର୍କ ନିଜ ଭିତରେ ଅନେକ କିଛି ସାଇତି ରଖିଛି । ବିଭିନ୍ନ ପ୍ରକାର ଦୋଳି, ସ୍ୱମିଂ ପୁଲ୍ ଏବଂ ରଙ୍ଗିନ୍ ଫୁଲର ସମ୍ଭାର ପର୍ଯ୍ୟଟକଙ୍କ ମନ କିଣିନିଏ ।

## ବ୍ୟାଟେରିରେ ଚାଲିବ ପୂରା ହୋଟେଲ




ଭାରତ ନୁହେଁ ବିଦେଶରେ ମଧ ଅନେକ ସମୟରେ ବିଜୁଳି କଟିଥାଏ । ଏଥିପାଇଁ ଲୋକେ ଜେନେରେଟର କିମ୍ବା ଇନଭର୍ଟର ବ୍ୟବହାର କରିଥାନ୍ତି । ତେବେ ବିଜୁଳି କଟା ସମସ୍ୟାକୁ ଦୃଷ୍ଟିରେ ରଖି ଏଡିନବର୍ଗର ଏକ ହୋଟେଲ ବ୍ୟାଟେରିରେ ପୂରା ହୋଟେଲକୁ ବିଦ୍ୟୁତ୍ ସେବା ଦେବାର ଉଦ୍ୟମ କରିଛି । ଏହା ବିଶ୍ୱର ପ୍ରଥମ ହୋଟେଲ ହେବ ଯାହା ବ୍ୟାଟେରିରେ ପରିଚାଳିତ ହେବ । ଏହି ବ୍ୟାଟେରିକୁ ଗୋଟିଏ ଥର ଚାର୍ଜ କଲେ ୨୦୦ ପ୍ରକୋଷ୍ଠ ବିଶିଷ୍ଟ ଏହି ପ୍ରିମିୟର ଇନ୍ ହୋଟେଲକୁ ୩ଘଣ୍ଟା ବିଜୁଳି ମିଳିବ । ଏଥିପାଇଁ ଲିଥିୟମ ବ୍ୟାଟେରିର ବ୍ୟବହାର କରାଯାଇଛି । ହୋଟେଲର ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ହ୍ୱାଇଟ ବ୍ରେଡର କହିବା ଅନୁସାରେ ଲିଥିୟମ ବ୍ୟାଟେରି ଦ୍ୱାରା ବିଜୁଳି ସଂଗ୍ରହ କାରଣରୁ କମ୍ପାନୀକୁ ବାର୍ଷିକ ୨୦ହଜାର ପାଉଣ୍ଡ କମ ଖର୍ଚ୍ଚ କରିବାକୁ ପଡ଼ିବ । ସ୍କଟଲାଣ୍ଡର ରାଜଧାନୀ ଏଡିନବର୍ଗର ଏହି ହୋଟେଲଟି ବିମାନବନ୍ଦର ନିକଟରେ ରହିଥିଲା ବେଳେ ଏଠାରେ ୫ଟନର ଲିଥିୟମ ବ୍ୟାଟେରି ଲଗାଯାଇଛି । ଏହାକୁ ପବନ ଓ ସୌରଶକ୍ତି ମାଧ୍ୟମରେ ଚାର୍ଜ କରାଯାଉଛି ।

## ବୁଟ ଓ ମଟର

ମାଟିର ବତର ଦେଖି ବୁଟ ଓ ମଟର ବୁଣନ୍ତୁ। ଅଧିକ ଅମଳକ୍ଷମ ବୁଟ କିମ: ରାଧେ, ଆନେଗିରି ସି-୨୩୫, ଏଚ-୨୦୮। ଏକର ପ୍ରତି ୨୫ କିଗ୍ରା ବିହନ ବୁଣିଲେ ଭଲ ଅମଳ ହୁଏ। ଅଧିକ ଅମଳକ୍ଷମ ମଟର କିସମ: ରଚନା, ଅଲଶ ଅକେଲ, ଟି-୧୬୩। ଏକର ପ୍ରତି ୨୫ରୁ ୩୦ କିଗ୍ରା ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ବିଶୋଧନ କରନ୍ତୁ। ଉଭୟ କ୍ଷେତ୍ରରେ ୧ କିଗ୍ରା ବିହନକୁ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାର୍ବେଣ୍ଡାଜମ ମିଶାଇ ବିଶୋଧିତ କରନ୍ତୁ। ସାତଦିନ ପରେ ଏକର ପ୍ରତି ୪୦୦ ଗ୍ରାମ ରାଇଜୋବିୟମ କଲଚରରେ ଗୋଳାଇ ବୁଣନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛନ୍ତୁ। ଏକର ପ୍ରତି ଦୁଇ ଟନ ଶଢ଼ଖା ଗୋବର ଖତ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (ଦଶକିଗ୍ରା), ଷୋଳ କିଗ୍ରା ଫସଫରସ ସାର ଧାଡ଼ିରେ ପ୍ରୟୋଗ କରନ୍ତୁ। ଧାଡ଼ି ମଧ୍ୟରେ ତିରିଶ ଓ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ବିହନ ତିନି ସେମି ଗଭୀରରେ ବୁଣନ୍ତୁ। ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ।



## ସୁସ୍ଥ ମାତୃତ୍ୱ ପାଇଁ ଡାକ୍ତରଙ୍କ ନିଆରା ପ୍ରୟାସ

ତାମିଲନାଡୁର ଜଣେ ଡାକ୍ତର ଭି ସୌନ୍ଦରାଜନ ଏବେ ଗୋଟିଏ ବ୍ଲକରେ ସୁସ୍ଥ ମାତୃତ୍ୱକୁ ନିଚିନ୍ତ କରେଇଛନ୍ତି । ସମ୍ପୂର୍ଣ୍ଣ ନିଜସ ଉଦ୍ୟମ ଓ ନିଜ ପେଶା ପ୍ରତି ବ୍ରତୀ ହୋଇ ପୁରା ବ୍ଲକରେ ପରିବର୍ତ୍ତନ ଆଣି ଦେଖାଇଛନ୍ତି । ପେରାବୁରାଣି ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଡାକ୍ତର ଭାବେ ନିଯୁକ୍ତ ହୋଇଛନ୍ତି ସୌନ୍ଦରାଜନ । ପେରାବୁରାଣି ବ୍ଲକରେ ଅଧିକାଂଶ ମହିଳା ଗର୍ଭାବସ୍ଥାରେ ପୁଷ୍ଟିହୀନତା, ଆନାମିଆର ଶିକାର ହୋଇଥାନ୍ତି । ଆବଶ୍ୟକୀୟ ପୌଷ୍ଟିକ ଖାଦ୍ୟର ଅଭାବ ଯୋଗୁଁ ଆନାମିଆ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗର୍ଭା ବସ୍ଥାରେ ଦେଖାଦେଇଥାଏ । ଏହି ବ୍ଲକରେ ଶତକଡ଼ା ୮୦ ପ୍ରତିଶତରୁ ଅଧିକ ମହିଳା ଆନାମିଆର ଶିକାର ହୋଇଥାନ୍ତି । ଗର୍ଭାବସ୍ଥାରେ ପୁରା ବ୍ଲକ ଏହି ଗୋଟିଏ ହିଁ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରିଥାନ୍ତି । ଡାକ୍ତରଙ୍କ ନିକଟକୁ ଆସୁଥିବା ମହିଳାମାନଙ୍କର ସମାନ ସମସ୍ୟା ଦେଖିବା ପରେ ସୌନ୍ଦରାଜନ ଚିନ୍ତିତ ହୋଇପଡ଼ିଥିଲେ । ସବୁ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ଲାଗି ସେ ପରାମର୍ଶ ଦେଉଥିଲେ । ବ୍ଲକରେ ଗରିବୀ ସଂଖ୍ୟା ମାତ୍ରାଧିକ ଥିବାରୁ ମହିଳାମାନେ ବିଭିନ୍ନ ପ୍ରକାର ସବୁଜ ପରିବା, ଫଳ, କ୍ଷୀର, ଅଣ୍ଡା ତଥା ଆମିଷ ଗ୍ରହଣ କରିବାକୁ ସକ୍ଷମ ହେଉନଥିଲେ । ଡାକ୍ତରଖାନାକୁ ଆସୁଥିବା ମହିଳାଙ୍କ ଭିତରୁ ଅଧିକାଂଶ ଦିନ ମଜୁରିଆ ଥିଲେ । ସେମାନଙ୍କ ପକ୍ଷେ କେବଳ ଗଣ୍ଡେ ଭୋଜନ ହିଁ ସକ୍ଷମ । ପୌଷ୍ଟିକ ଖାଦ୍ୟ ଖାଇବା ଲାଗି ସେମାନଙ୍କ ପକ୍ଷେ ସମ୍ଭବ ନଥିଲା । ଏମିତି ସମସ୍ୟା ଦେଖିବା ପରେ ସୌନ୍ଦରାଜନ ଆରମ୍ଭ କରିଥିଲେ ନିଜସ୍ୱ ଉଦ୍ୟମ । ଚାଷୀ ପରିବାରରୁ ଆସିଥିବା ଡାକ୍ତର ଗର୍ଭବତୀ ମହିଳାଙ୍କ ଲାଗି ଆବଶ୍ୟକ ହେଉଥିବା ପରିବା ସବୁ ନିଜେ ଫଳେଇବା ଲାଗି ଚିନ୍ତା କରିଥିଲେ । ନିଜର ୫ଏକର ଜମିରେ ପାଳଙ୍କ, ପୋଟଳ, ଧନିଆ, ପୁଦିନା , ସଜନା ଛୁଇଁ ଓ ଅନ୍ୟାନ୍ୟ ପରିବା, ପିଜୁଳି, ଆମ୍ବ ଆଦି ଫଳ ଫଳେଇବା ଆରମ୍ଭ କରିଥିଲେ । ପ୍ରତି ମଙ୍ଗଳବାର ଡାକ୍ତରଖାନାକୁ ୫୦ ଜଣ ପାଖାପାଖି ଗର୍ଭବତୀ ମହିଳା ଆସିଥାନ୍ତି । ମସ୍ତଙ୍କୁ କିଛି କିଛି ପରିବା, ଫଳ, ଦିଅନ୍ତି ସୌନ୍ଦରାଜନ । ପରିବା ଓ ଫଳ ନେବା ପରେ ମହିଳାମାନେ ଆଗ୍ରହର ସହ ଡାକ୍ତରଙ୍କ କଥା ମାନିଥିଲେ । କିଛିଦିନ ପରିବା, ଫଳ ଦେବା ପରେ ସୌନ୍ଦରାଜନ କିଛି ଦେଶୀ କୁକୁଡ଼ା ଓ ଗାଈ ରଖିବା ଆରମ୍ଭ କରିଦେଇଥିଲେ । ପରେ ପରେ ପନିପରିବା, ଫଳ ସହ କ୍ଷୀର ଓ ଅଣ୍ଡା ମଧ ମହିଳାମାନଙ୍କୁ ଦେବାରେ ଲାଗିଥିଲେ ଡାକ୍ତର । ଆହୁରି କିଛି ମହିଳା ଦିନ ମଜୁରିଆ ହୋଇଥିବାରୁ ସେମାନେ ନିୟମିତ ଡାକ୍ତରଖାନାକୁ ଆସିପାରୁନଥିଲେ । ସେମାନଙ୍କ ଡାକ୍ତର ଏବେ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ କରିଥିଲେ । କିଛି ସ୍ୱାସ୍ଥ୍ୟ ସାଥୀ ଓ ଡାକ୍ତର ନିଜେ ସାପ୍ତାହିକ ସେମାନଙ୍କ ଘର ପରିଦର୍ଶନରେ ଯାଇ ଚେକଅପ କରିଆସୁଥିଲେ । ପରିବା, ଫଳ, କ୍ଷୀର, ଅଣ୍ଡା ଆଦି ନିୟମତି ସ୍ୱାସ୍ଥ୍ୟସାଥୀମାନେ ମହିଳାଙ୍କ ଘରେ ଦେଇଆସନ୍ତି । ପେଶା ପ୍ରତି ବ୍ରତୀ ହୋଇ ଉଦ୍ୟମ ଆରମ୍ଭ କରିବାର କିଛିମାସ ପରେ ଅଧିକାଂଶ ମହିଳା ଆନାମିଆରୁ ଉପଶମ ପାଇଥିଲେ । ଗତବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନର ସୌନ୍ଦରାଜନ ୩୪୦୦ ଜଣ ମହିଳାଙ୍କୁ ଏହି ସେବା ଯୋଗାଇସାରିଲେଣି । ଡାକ୍ତରଙ୍କ ଏହି ନିଆରା ଉଦ୍ୟମକୁ ପୁରା ଦେଶ ଭୂରି ପ୍ରଶଂସା କରୁଛି ।





# ସରକାରୀ ଧାନ କିଣାର ଶୁଭାରମ୍ଭ

କୋରେଇ,୨୮।୧୨ (ନି.ପ୍ର): ଯାଜପୁର ଜିଲ୍ଲାରେ ଆଜି ପ୍ରଥମ କରି ଧାନ ମଣ୍ଡି ଖୋଲା ଯାଇଛି। ପାଣିକୋଇଲି ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧିନରେ ଏହାର ଶୁଭାରମ୍ଭ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ମିହିର ପ୍ରସାଦ ମହାନ୍ତି ଏହାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋରେଇ ବ୍ଲକ ପଥରପଦା ପଂଚାୟତର ମା ନେଙ୍କୁରଣୁଣୀ ମନ୍ଦିର ପରିସର ନିକଟରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତିଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର, ଜିଲ୍ଲା ସହକାରୀ ନିବନ୍ଧ ସମବାୟ ସମୂହ ସମିତି ରମେଶ ଚନ୍ଦ୍ର ସ୍ୱାଇଁ, ସମବାୟ ନିରୀକ୍ଷକ ଦେବେନ୍ଦ୍ର ନାୟକ, ପ୍ରଶାସକ ପାଣିକୋଇଲି ସମବାୟ ସମିତି ପ୍ରଶାନ୍ତ କର, ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ, ପାଣିକୋଇଲି ସରପଂଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପଥରପଦା ସରପଂଚ ପ୍ରକାଶ ଚନ୍ଦ୍ର ମଲିକ, ପାଣିକୋଇଲି ସମବାୟ ସମିତି ପୂର୍ବତନ ସଭାପତି ରଘୁନାଥ ମାଝୀ, ସଂପାଦକ ସୁଦର୍ଶନ ପରିଡ଼ାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଧାନ କିଣାର ଶୁଭାରମ୍ଭ କରିଥିଲେ। ସରକାରୀ ସ୍ତରରେ ଧାନ କିଣାର ଆଜି ଶୁଭାରମ୍ଭ ହୋଇଥିଲେ ବି ଆସନ୍ତା କାଲି ଠାରୁ ବିଦ୍ଧିବଦ୍ଧଭାବେ ଚାଷୀଙ୍କ ଠାରୁ ଧାନ କିଣା ଯିବ ବୋଲି ପ୍ରଶାସନିକ ଅଧିକାରୀ ସୂଚନା ଦେଇଥିଲେ। ଚଳିତ ବର୍ଷ ଖରିଫ ଚାଷୀ ଧାନ କିଣା ପାଇଁ ନାମ ପଞ୍ଜିକୃତ କରିଥିବା ବେଳେ ସେମାନଙ୍କ ପାଖକୁ ମେସେଜ ଯୋଗେ ଟୋକନ ପ୍ରଦାନ କରାଯାଇଛି। କୋରାଇ ବ୍ଲକରେ ୧୭ଟି ସମୟବାୟ ସମିତି ଓ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀଭାବେ ଧାନ କିଣିବା ପାଇଁ ଆବେଦନ କରିଛନ୍ତି। ବର୍ତମାନ ସୁଦ୍ଧା କେତେ ପରିମାଣରେ ଧାନ କିଣାଯିବ ତାହାର ଟାର୍ଗେଟ ଆସି ନାହିଁ। ଆଜି ପ୍ରଥମ କରି ସରକାରୀଭାବେ କିଣା ଯାଇଥିବା ଧାନ ପାଣିକୋଇଲିର ଦୁଇ ମିଲର ଆଶ୍ରୀର୍ବାଦ ଆଗ୍ରୋ ପ୍ରା.ଲିମିଟେଡ ଓ କୃପାଲୁ ରାଇସ୍ ଇଣ୍ଡଷ୍ଟ୍ରି ପ୍ରଦାନ କରାଯାଇଛି। ଆଜିର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧାନ କିଣା କମିଟି ସଭ୍ୟ ସନ୍ତୋଷ କୁମାର ବେହେରା, ବଳରାମ ସାହୁ, ଅଦୈତ୍ୟ ଚରଣ ଦାଶ, ଘନଶ୍ୟାମ ପଣ୍ଡା, ସମବାୟବିତ ପ୍ରତାପ କିଶୋର ମଲ୍ଲିକ, ଗଙ୍ଗାଧର ସାହୁ, ସୂର୍ଯ୍ୟମଣୀ ପଣ୍ଡା, ମୋହନ ଚରଣ ପାଢ଼ୀ, ନିମାଁଇ ମଲ୍ଲିକ, ରବିନାରାୟଣ ପଣ୍ଡା, ଅଚ୍ୟୁତାନନ୍ଦ ସାହୁ, ଅଜୟ କୁମାର ମଲ୍ଲିକ, ଜନାର୍ଦ୍ଦନ ସେନାପତି, ଅନୀଲ କୁମାର ବୋଇତାଇଙ୍କ ସମେତ କୋରାଇ ପ୍ରାଥମିକ ସମବାୟ ସମିତିର ସଂପାଦକ ମନ୍ମଥ ସିଂହ ଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା : ବିପନ୍ନଙ୍କ ନିକଟରେ ପଂହଚିଲେ ବିଧାୟକ

ଧର୍ମଶାଳା,୨୮।୧୨ (ନି.ପ୍ର): ବଡଚଣା ବ୍ଲକ ଦର୍ପଣ ତହସିଲ ଅଧିନସ୍ଥ ବଡଚଣା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ବଖରା ସଂପୂର୍ଣ୍ଣ ଜଳିଯାଇଛି। ଗତକାଲି ବିଳମ୍ବିତ ରାତିରେ ଗ୍ରାମର ମାଧବ ନାୟକ ଓ ବୋଧିରାମ ନାୟକ ଘରେ ଶୋଇଥିବା ବେଳେ କୌଣସି କାରଣବଶତଃ ଘରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଅଧିକ ଅସହ୍ୟ ହେବାରୁ ପରିବାର ଲୋକେ ବାହାରକୁ ବାହାରି ଆସି ପାଟିତୁଣ୍ଡ କରିଥିଲେ। ପାଟିଶୁଣି ପାଖ ଲୋକେ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିଲା ବେଳକୁ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଆଜି ଖବର ପାଇ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ସରପଂଚ ଭାଗ୍ୟଧର ପ୍ରଧାନ,ସ୍ୱାସ୍ଥ୍ୟ ସେଲ ଅଧକ୍ଷ ମଧୁସୂଦନ ବଳ,ସରପଂଚ ସଂଘ ସଭାପତି ଆଶିଷ ରଂଜନ ଚୌଧୁରୀ,ଯୁବନେତା ପ୍ରକାଶ ପ୍ରଧାନ,ସ୍ମୃତିରଂଜନ ପ୍ରଧାନ ପ୍ରମୁଖ ପଂହଚି ଅଗ୍ନୀବିପନ୍ନ ପରିବାରକୁ ଖାଦ୍ୟ ବଂଟନ କରିଥିଲେ। ବିଧାୟକ ଶ୍ରୀ ଶତପଥୀ ବିପନ୍ନ ପରିବାରକୁ ଆର୍ଥୀକ ସହାୟତା ପ୍ରଦାନ କରିବା ସହିତ ସରକାରୀ ସହାୟତା ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। କ୍ଷୟକ୍ଷତିର ସଠିକ ଆକଳନ କରାଯାଇନଥିଲେ ମଧ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## କେନ୍ଦ୍ରାପଡାରେ ଦଳିତ କଲ୍ୟାଣ ପରିଷଦର ବୈଠକ

କେନ୍ଦ୍ରାପଡ଼ା,୨୮।୧୨ (ନି.ପ୍ର): ଦଳିତ କଲ୍ୟାଣ ପରିଷଦର ଏକ ପ୍ରସ୍ତୁତି ବୈଠକ ଗରାପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଗ୍ରାମ ମାନଙ୍କରୁ ଆସିଥିବା ଦଳିତ ଶ୍ରେଣୀ ପରିଷଦ ର ସଭ୍ୟମାନେ ଉପସ୍ଥିତ ରହି ଆସନ୍ତା ଜାନୁୟାରୀ ମାସରେ ଆଳି ଠାରେ ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ କରିବା ପାଇଁ ନିଷ୍ପତି ଗ୍ରହଣ କରିଥିଲେ । ଜିଲ୍ଲା ସଭାପତି ରାଜ କିଶୋର ମୁଦୁଲି, ବାବାଜୀ ଚରଣ ଗୋଛାୟତ, ବାଇଧର ମାଝୀ, ରମେଶ ଚନ୍ଦ୍ର ମାଝୀ, ସୁରେଶ ଚନ୍ଦ୍ର ଦଳାଇ, ରଙ୍ଗାଧର ଗୋଛାୟତ, ରଞ୍ଜନ କୁମାର ଗୋଛାୟତ, ବ୍ରଜବନ୍ଧୁ ମାଝୀ, ସୁରେଶ କୁମାର ଗୋଛାୟତ ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରି ଦଳିତ ମାନଙ୍କର ସାମାଜିକ ଚଳଣୀରେ ନାନା ବିଧ ସମସ୍ୟା ଓ ଏହାର ସମାଧାନ ପାଇଁ ଆଲୋଚନା କରିଥିଲେ ।

## ସନ୍ଦେହରେ ପିଲା ଚୋର ଭାବି ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ପୋଲିସରେ ଜିମା

ଧର୍ମଶାଳା,୨୮।୧୨ (ନି.ପ୍ର): ଧର୍ମଶାଳା ଥାନା ଅନ୍ତର୍ଗତ କୁଣ୍ଡପାଟଣା ଗ୍ରାମରେ ଆଜି ବଜାରରେ ଜଣେ ପିଲା ଚୋର ଭାବି ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଗ୍ରାମବାସୀ ପୋଲିସରେ ଜିମା ଦେଇଛନ୍ତି । ଉକ୍ତ ଯୁବକ ନିଜର ପରିଚୟ ଦେବାରେ ଅକ୍ଷମ ତେବେ ତାହାର ବୟସ ଆନୁମାନିକ ୩୨ ହେବ ବୋଲି ଜଣାପଡିଛି । ପରେ ପୋଲିସ ଉକ୍ତ ମାନସିକ ଗ୍ରସ୍ତ ଯୁବକଙ୍କୁ ଛାଡି ଦେଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଆଜି ସକାଳେ କୁଣ୍ଡପାଟଣା ହାଟ ନିକଟରେ ଜଣେ ଯୁବକ ସନ୍ଦେହରେ ଏଣେତେଣେ ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ସନ୍ଦେହରେ ପିଲା ଚୋର ଭାବି ଶତାଧିକ ଲୋକେ ତାଙ୍କୁ ଘେରିଯାଇଥିଲେ । ଘଟଣାସ୍ଥଳରେ ଖବର ପାଇ ରାଉତରାପୁର ସରପଂଚ କୈଳାସ ସାହୁ ପଂହଚି ଉକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇଥିଲେ । ଏବଂ ଏହି ଘଟଣାକୁ ନେଇ ଧର୍ମଶାଳା ଥାନାକୁ ଖବର ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପଂହଚି ଉକ୍ତ ଯୁବକଙ୍କୁ ଥାନାକୁ ନେଇଥିଲେ । ସେଠାରେ ସେ ନିଜର ପରିଚୟ ଦେବାରେ ଅକ୍ଷମ ହୋଇଥିବା ବେଳେ ସେ ଜଣେ ମାନସିକ ବିକାରଗସ୍ତ ବୋଲି ଜାଣିବା ପରେ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି ।

## ଉଦ୍ଧାର ନାବାଳକଙ୍କୁ ଶିଶୁ ସୁରକ୍ଷା ୟୁନିଟଙ୍କୁ ହସ୍ତାନ୍ତର

କୋରେଇ,୨୮।୧୨ (ନି.ପ୍ର): ରାସ୍ତା କଡରେ ବସି କାନ୍ଦୁଥିବା ଏକ ନାବାଳକକୁ ଆମେ ବିପଦରେ ସାଥି ସଦସ୍ୟ ଉଦ୍ଧାର କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ । ପରେ ଉଦ୍ଧାର ନାବାଳକକୁ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ ସଠିପୁର ଯାଜପୁର ରାସ୍ତାର ରୁଡିଆ ନିକଟରେ ଏକ ନାବାଳକ ରାସ୍ତା କଡରେ ବସି କାନ୍ଦୁଥିବା ଖବର ପାଇ ଆମେ ବିପଦରେ ସାଥି ସଦସ୍ୟ ମାନେ ସେଠାରେ ପହଂଚି ତାକୁ ଉଦ୍ଧାର କରିଥିଲେ । ପିଲାଟି କିଛି ଖାଇନଥିବାରୁ ତାକୁ ପ୍ରଥମେ ଖାଦ୍ୟ ଯୋଗାଇବା ସହ ଶୀତ ବସ୍ତ୍ର ପ୍ରଦାନ କରି ଥାନା ଜିମା ଦେଇଥିଲେ । ପ୍ରଥମେ ପିଲାଟି କିଛି ଜାଣି ପାରୁ ନଥିଲା । ତାର କହିବା ଅନୁଯାୟୀ ତାକୁ ଚକେଲଟ ଦେବା ନାମରେ କୌଣସି ଲୋକ ଡାକି ବାଇକରେ ନେଇ ଆସିଥିଲା । ମାତ୍ର ଚକଲେଟ ନଦେଇ ବାଇକରେ ନେଇ ପଳାଇଆସିବାରୁ ପିଲାଟି କାନ୍ଦିଥିଲା । ଫଳରେ ସେ ତାକୁ ରାସ୍ତା କଡରେ ଛାଡି ପଳାଇଥିଲ । ପିଲା ଠାରୁ ମିଳିଥିବା ସୂଚନା ମୁତାବକ ତାର ଘର ବିଟାରପୁର ଥାନା ଅନ୍ତର୍ଗତ ବାଳମୁକୁଳିର ପ୍ରଶାନ୍ତ ଦାସଙ୍କ ପୁଅ ରାହୁଲ (୮) ଅଟେ । ପରେ ଏନେଇ ଶିଶୁ ସୁରକ୍ଷା ୟୁନିଟକୁ ଜଣାଇବା ପରେ ସେମାନେ ଶିଶୁଟିକୁ ଥାନାରୁ ନେଇଥିଲେ । ଆମେ ବିପଦରେ ସାଥି ସଦସ୍ୟ ତାରିଣୀ ପଟ୍ଟନାୟକ, ଅଶୋକ ବେହେରା, ତପନ ମହାନ୍ତି, ସୁଧାଶଙ୍କର ବିଶ୍ୱାଳ, ରାକେଶ ରଂଜନ ପଣ୍ଡା, ବାଦଲ ନାୟକ, ସୁଶାନ୍ତ ସେନାପତି ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ।

## ୭୭୦ ଲିଟର ମଦ ଜବତ : ୧୨ ଗିରଫ

### ୩୧ ହଜାର ଟଙ୍କା ଜୋରିମାନା ଆଦାୟ ୪୫.୫ କେଜି ଗଞ୍ଜେଇ ଜବତ

ଗଞ୍ଜାମ,୨୮।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୨୬ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୩୧ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୭୭୦ ଲିଟର ମଦ ଜବତ ହୋଇଛି । ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୧୨ଟି ଅବକାରୀ ମାମଲା ଥାନାରେ ରୁଜ୍ଜୁ କରାଯାଇଛି । ଏହା ବ୍ୟତୀତ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ୪୫.୫ କେଜି ଗଞ୍ଜେଇ ଜବତ କରାଯାଇଛି । ଏ ସଂକ୍ରନ୍ତରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜ୍ଜୁ କରାଯାଇଛି।

## କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅଂଚଳର ୫୯ ନମ୍ବର ଜାତୀୟ ରାଜପଥରେ ମାଓ ପୋଷ୍ଟର

କନ୍ଧମାଳ,୨୮।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କିଛି ଦିନର ନିରବତା ପରେ ମାଓ ସଂଗଠନ ତାର ସ୍ଥିତି ଜାହିର କରିଛି । ଜିଲ୍ଲାର ତୁମୁଡିବନ୍ଧ ଥାନା ଅଂଚଳର କୁର୍ତମଗଡ ପଂଚାୟତର ଇମାନୁଏଲ ନଗର ସମେତ ସେଠାରେ କଡରେ ଯାଇଥିବା ୫୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ରାସ୍ତାର ଦୁଇ ପାର୍ଶ୍ୱର ଗଛରେ ଏବଂ ବିଭିନ୍ନ ଯାଗାରେ କେକେବିଏନ ମାଓ ସଂଗଠନ ପକ୍ଷରୁ ପୋଷ୍ଟର ଲଗାଇଛି । ପୋଷ୍ଟର ଜରିଆରେ ଜିଲ୍ଲାରେ ଗଞ୍ଜେଇ ଗଛକୁ ନଷ୍ଟ କରାଯିବାକୁ ବିରୋଧ କରିବା ସହିତ ଜିଲ୍ଲାରେ ସରକାରଙ୍କ ପକ୍ଷରୁ ବନ୍ଦ ହେବାକୁ ଥିବା ୧୨୦ ଟି ବିଦ୍ୟାଳୟ ବନ୍ଦ କରାଯିବା ନିଷ୍ପତିକୁ ବିରୋଧ କରାଯାଇଛି । ସମଜରେ ସତ୍ୟନ୍ୟାୟ ପ୍ରତିଷ୍ଠା ପାଇଁ ପିଏଲଜିଏ ସପ୍ତାହ ପାଳନ କରାଯାଉଥିବା ବେଳେ ଜିଲ୍ଲାର ଯୁବଯୁବତୀ ମାନଙ୍କୁ ଯୋଗ ଦେବାକୁ ଆହ୍ୱାନ ଦେଇଛି ମାଓ ସଂଗଠନ । ଜିଲ୍ଲାରେ ପିଲାଙ୍କ ପାଇଁ ଖୋଲିଥିବା ୧୨୦ଟି ସ୍କୁଲକୁ ବନ୍ଦକରିବାକୁ ନିଷ୍ପତି ନିଆଯାଇ ଥିବାବେଳେ ଜିଲ୍ଲାର ୧୭୦ଟି ଗ୍ରାମର ଲୋକମାନେ କାମ ଅନ୍ୱେଷଣରେ ନିଜର ଗାଁକୁ ଛାଡି ରୋଜଗାର ପାଇଁ ବାହାରକୁ ଯାଇଛନ୍ତି । ଫିରିଙ୍ଗିଆ ଥାନା ଅଂଚଳରେ ଥିବା କୋଟପଙ୍ଗା ଠାରେ କରାଯାଇଥିବା ସିଆରପିଏଫ କ୍ୟାମ୍ପକୁ ବିରୋଧ କରାଯିବା ସହିତ ପୋଲିସ ଏବଂ ଅବକାରୀ ବିଭାଗ ଦ୍ୱାରା ବେଆଇନ ଭାବେ ଗଞ୍ଜେଇ କଟା ଅଭିଯାନକୁ ବିରୋଧ କରାଯାଇଛି ମାଓ ସଂଗଠନ ପକ୍ଷରୁ ଲଗାଯାଇଥିବା ପୋଷ୍ଟର ଜରିଆରେ । ଏହାକୁ ନେଇ ଅଂଚଳର ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ଘଟଣା ସ୍ଥଳରେ ପୋଲିସ ପହଂଚି ନଥିବା ଜଣାପଡିଛି ।

## ଅନନ୍ତ ବାସୁଦେବ ପୀଠରେ ଗୀତା ଜୟନ୍ତୀ

କୋରେଇ,୨୮।୧୨ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଂଚାୟତସ୍ଥିତ ବଳରାମପୁର ଗ୍ରାମର ଜମୁନା ନଦୀ କୂଳରେ ବିରାଜିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଗୀତା ପ୍ରଚାର ସମିତି ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆଜି ପାଳିତ ହୋଇଛି । କରୋନା କଟକଣାକୁ ଆଖି ଆଗରେ ରଖି ଯଥାବିଧି ନିରାଡମ୍ବର ଭାବେ ଉତ୍ସବକୁ ସମାପନ କରାଯାଇଛି । ପ୍ରାତଃ କାଳରୁ ମୁଖ୍ୟ ପୂଜକ ପ୍ରମୋଦ କୁମାର ପଣ୍ଡା ଓ ଅଖିଳ ପଣ୍ଡାଙ୍କ ଦ୍ୱାରା ପ୍ରାତଃ ସ୍ନାନ ଓ ପୂଜନ କରାଯାଇଥିଲା । ପରେ ବିଜୟ କୁମାର ଘଡାଇ, ଭଗବାନ ପଣ୍ଡା, ବହ୍ମାନନ୍ଦ ଦତ, ରାମ ଚନ୍ଦ୍ର ରଣା, ଭାଗବତ ପ୍ରସାଦ ମହାନ୍ତି, ବୃନ୍ଦାବନ ଅଧିକାରୀ, ନଟବର ରାୟ, ବିଶ୍ୱନାଥ ରାୟ, ରବିନ୍ଦ୍ର ପହୀ, ଲଳିତ ମୋହନ ରାୟ, ଅନିରୁଦ୍ଧ ପଣ୍ଡା ପ୍ରମୁଖ ଶ୍ରୀମଦ ଭାଗବତ ଗୀତା ପାଠ କରିଥିଲେ । ସରପଂଚ ମାନସ ରଂଜନ ରାୟ ଉକ୍ତ ଉତ୍ସବଟିକୁ ସରସ ସୁନ୍ଦର ଭାବେ ସମ୍ପନ୍ନ କରିଥିଲେ । ଅନୁଷ୍ଠାନ କର୍ମକର୍ତା ମାନଙ୍କ ମଧ୍ୟରେ ଅରବିନ୍ଦ ମହାନ୍ତୀ, ଶିବ ପ୍ରସାଦ ସାହୁ, କାର୍ତିକ ସାହୁ, ରମାକାନ୍ତ ସାହୁ, ମହେଶ୍ୱର ସାହୁ, ନିକୁଂଜ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଫାଉଣ୍ଡର ସଦସ୍ୟ ସୁରେନ୍ଦ୍ର କୁମାର ରାୟ ଓ ବିଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରାଇଥିଲେ ।

## ବାମପନ୍ଥୀ ଦଳ ପକ୍ଷରୁ ମନ୍ କି ବାତ୍‌କୁ ବିରୋଧ

କେନ୍ଦ୍ରାପଡ଼ା,୨୮।୧୨ (ନି.ପ୍ର): ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ "ମନ କି ବାତ୍" କୁ ବିରୋଧ କରି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଶାଖା ତରଫରୁ ଦେଶବ୍ୟାପୀ ଥାଳି ବାଡେଇବା ଆହ୍ୱାନକୁ ସମର୍ଥନ କରାଯାଇଛି । କେନ୍ଦ୍ରାପଡା ସହର ସ୍ଥିତ ପୁରୁଣା ମଟର ଷ୍ଟାଣ୍ଡ ଗାନ୍ଧି ମୂର୍ତୀ ନିକଟରେ ଓଡିଶା କୃଷକ ସଭା, ଅଖିଳ ଭାରତ କୃଷକ ସଭା, ନବ ନିର୍ମାଣ କୃଷକ ସଂଗଠନ, କିଷାନ କଂଗ୍ରେସ, ନିଖିଳ ଉତ୍କଳ ଚାଷୀ ମୂଳିଆ ସଂଘ ପକ୍ଷରୁ ମିଳିତ ଭାବେ ଥାଳି ବାଡେଇବା କାର୍ଯ୍ୟକ୍ରମ ସଂଗଠିତ କରାଯାଇ ଥିଲା । ୩ଟି କୃଷକ ତଥା କୃଷି ବିରୋଧୀ କଳା ଆଇନ ଯଥା ୧) କୃଷି ଫସଲର ବାଣିଜ୍ୟ , ବ୍ୟବସାୟ ଓ ବଣ୍ଟନ ଆଇନ-୨୦୨୦, ୨) କଣ୍ଟ୍ରାକ୍ଟ ଫାର୍ମିଂ (ଠିକାଚାଷ) ଆଇନ-୨୦୨୦, ୩) ୧୯୫୫ ଅତ୍ୟାବଶ୍ୟକ ଦ୍ରବ୍ୟ ସଂଶୋଧନ ଆଇନ-୨୦୨୦ ଏବଂ କୃଷକ ବିରୋଧୀ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ଆନ୍ଦୋଳନକୁ ଗତକାଲି ୩୦ଦିନ ପୁରିଲା । ପ୍ରଧାନମନ୍ତ୍ରୀ ସବୁବେଳେ ତାଙ୍କ ମନର କଥା କହୁଥିବା ବେଳେ ଦେଶବାସୀଙ୍କ କଥା ଶୁଣିବାକୁ ନାରାଜ । ସେଥିପାଇଁ ଆଜି ତାଙ୍କ "ମନ କି ବାତ୍" କାର୍ଯ୍ୟକ୍ରମକୁ ପ୍ରତ୍ୟାଖାନ କରିବା ପାଇଁ ଦେଶବ୍ୟାପୀ ସେହି ସମୟରେ ଥାଳିବାଡା କାର୍ଯ୍ୟକ୍ରମ ସଂଗଠିତ ହୋଇଛି । କେନ୍ଦ୍ରାଡା ରେ ସଂଗଠିତ ଏହି କାର୍ଯ୍ୟକ୍ରମରେ ସିପିଆଇ (ଏମ)ର ଜିଲ୍ଲା ସଂପାଦକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପିଆଇ ର ଜିଲ୍ଲା ସଂପାଦକ ରମଣି ରଞ୍ଜନ ରାଉତରାୟ, ନବ ନିର୍ମାନ କୃଷକ ସଂଗଠନର ଜିଲ୍ଲା ଉପଦେଷ୍ଟା ଦାଶରଥୀ ସାହୁ, ଓଡିଶା କୃଷକ ସଭାର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସିଂହ, ଅଖିଳ ଭାରତ କୃଷକ ସଂଘର ଜିଲ୍ଲା ନେତା ଆଦିକନ୍ଦ ରାଉଳ, କୃଷକ କଂଗ୍ରେସର ଜିଲ୍ଲା ନେତା ପ୍ରଫୁଲ୍ଲ ଦାସ, ନିଖିଳ ଉତ୍କଳ ଚାଷୀ ମୂଳିଆ ସଂଘର ଜିଲ୍ଲା ସଭାପତି ଫକିର ଚରଣ ଖଟୁଆ, ବିଧୁ ଭୂଷଣ ମହାପାତ୍ର, ସିଆଇଟିୟୁ ର ଜିଲ୍ଲା ସଂପାଦକ ଜଗତ ଜୀବନ ଦାସ, ଆଇଏନଟିୟୁସି ଜିଲ୍ଲା ଯୁବ ଶାଖା ସଭାପତି ରଶ୍ମି ରଞ୍ଜନ ଚୌଧୁରୀ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

## କମିଲାଣି କରୋନା ଭାଇରସର ପ୍ରଭାବ : ସ୍ୱାଭାବିକ୍ ହୋଇପାରୁନି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା

ଭଦ୍ରକ,୨୮।୧୨ (ନି.ପ୍ର): ଚଳିତ ବର୍ଷ ଏପ୍ରିଲ ମାସ ଠାରୁ କରୋନା ଭାଇରସ ପ୍ରଭାବରେ ସମଗ୍ର ବିଶ୍ୱ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲା। ଏଥିରୁ ବାଦ ପଡ଼ିନଥିଲା ଭଦ୍ରକ ଜିଲ୍ଲା। କରୋନା ଆତଙ୍କରେ ଜିଲ୍ଲାରେ ଏକପ୍ରକାର ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ସଂକ୍ରମଣକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିଲା। କିନ୍ତୁ ବର୍ତମାନ ସେହି ପରିସ୍ଥିତି ଆଉ ନାହିଁ। କୋଭିଡର ଉପଯୁକ୍ତ ପରିଚାଳନା ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ ଏବେ ଆଉ କରୋନାର ପ୍ରଭାବ କମିବାରେ ଲାଗିଛି। ଏବେ ସୁଦ୍ଧା ୭ହଜାରରୁ ଉର୍ଦ୍ଧ୍ୱ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରି ସାରିଲେଣି। ବର୍ତମାନ ସମୟରେ ମାତ୍ର ୪୭ଜଣ କରୋନା ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି। ତେଣୁ ସବୁ କ୍ଷେତ୍ରରେ ପରିସ୍ଥିତି ସ୍ୱାଭାବିକ୍ ଆଡ଼କୁ ଗତି କରୁଛି। କିନ୍ତୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେପରି କୌଣସି ପରିବର୍ତନ ଆସିଥିବା ଦୃଷ୍ଟିଗୋଚର ହେଉ ନାହିଁ। ଗତ ଏପ୍ରିଲ ମାସରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଚିତ୍ର ଜିଲ୍ଲାରେ ଯାହା ଥିଲା, ଏବେ ମଧ ସେୟା ରହିଛି। ସୂଚନାଯୋଗ୍ୟ କୋଭିଡ ସଂକ୍ରମଣକୁ ନଜରରେ ରଖି ପ୍ରତିକାରାତ୍ମକ ବ୍ୟବସ୍ଥା ସ୍ୱରୂପ, ପ୍ରଶାସନ ପକ୍ଷରୁ ସାଧାରଣ ରୋଗୀମାନଙ୍କୁ ଜିଲ୍ଲା ଚିକିତ୍ସାଳୟ କିମ୍ବା ଅନ୍ୟ ସରକାରୀ ଚିକିତ୍ସାଳୟକୁ ନଯିବାକୁ ପରାମର୍ଶ ଦିଆଯାଇଥିଲା। ଗୁରୁତର ରୋଗୀମାନେ କେବଳ ମେଡିକାଲ ଯିବାକୁ କୁହାଯାଇଥିଲା। ତେଣୁ ସାଧାରଣ ରୋଗୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ଟେଲି ମେଡିସିନ ସେବାର ପ୍ରଚଳନ କରିବା ସହ ସାଧାରଣ ରୋଗୀ ଏହାର ସୁଯୋଗ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତେଣୁ ପ୍ରଶାସନର ପରାମର୍ଶ ଓ ନିଜର ସୁରକ୍ଷା ପାଇଁ ଲୋକମାନେ ମେଡିକାଲ ଠାରୁ ଦୂରରେ ରହିଥିଲେ। ସେତେବେଳେ ଫୋନ ଥିଲା ଏକମାତ୍ର ମାଧମ। ଫଳରେ ଜିଲ୍ଲା ଚିକିତ୍ସାଳୟରେ ଦୈନିକ ରୋଗୀ ସଂଖ୍ୟା ୨ହଜାରରୁ କମି ତିନି ଅଙ୍କ ତଳକୁ ଖସି ଆସିଥିଲା। କିନ୍ତୁ ଇତିମଧରେ କରୋନାର ପ୍ରକୋପ ହ୍ରାସ ପାଇଛି। ଲୋକଙ୍କ ମଧରେ କରୋନା ଭୟ ନାହିଁ। ତଥାପି ମେଡିକାଲକୁ ଆସିବାକୁ ସେମାନେ ଡରୁଛନ୍ତି। ଆଜିର ଦିନରେ ଜିଲ୍ଲା ଚିକିତ୍ସାଳୟରେ ଆଉଟ ଡୋର ରୋଗୀଙ୍କ ସଂଖ୍ୟା ହାରାହାରି ୮ଶହରୁ ୯ଶହ ମଧରେ ରହୁଛି। ଅପରପକ୍ଷେ କରୋନା ଭୟ ଏବେ ମଧ ଡାକ୍ତରମାନଙ୍କ ମଧରୁ ଯାଇ ନାହିଁ। ନିଜର ତଥା ନିଜ ନିଜ ପରିବାର ସଦସ୍ୟଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହ ସେମାନେ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ସରକାରୀ ଡାକ୍ତରଖାନାରେ ଏହିପରି ପରିସ୍ଥିତି ଲାଗି ରହିଥିବାବେଳେ, ଘରୋଇ କ୍ଲିନିକ୍‌ରେ ଅବସ୍ଥା ଆହୁରି ଖରାପ। ଘରୋଇ ପ୍ରାକ୍ଟିସ କରୁଥିବା ଡକ୍ତରମାନଙ୍କ ମଧରୁ ଅଧିକାଂଶ ଏବେ ମଧ ନିଜର କ୍ଲିନିକ ବନ୍ଦ ରଖିଛନ୍ତି। ଯେଉଁ କେତେକ ଖୋଲିଛନ୍ତି, ସେମସ୍ତ ସ୍ଥାନରେ କଠୋର କୋଭିଡ କଟକଣା। ରୋଗୀ ଶରୀରରେ ହାତ ମାରିବା କିମ୍ବା ଷ୍ଟେଥୋ ପକାଇବା ଦୂରର କଥା, ଉଭୟଙ୍କ ମଧରେ ରହୁଛି ନିରାପଦ ଦୂରତା। ଯେଉଁ ଡାକ୍ତରମାନେ ଆଜି ମଧ କ୍ଲିନିକ ବନ୍ଦ ରଖିଛନ୍ତି, ସେମାନେ ଭିଡିଓ କନଫରେନ୍ସିଂରେ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଦେଉଛନ୍ତି। ତେବେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଲଟ୍ରାସାଉଣ୍ଡ ଆବଶ୍ୟକ କରୁଥିବା ରୋଗୀ ଓ ସେମାନଙ୍କ ପରିବାର। ତେବେ ପୂର୍ବରୁ ଚିକିତ୍ସା ସେବା ପାଇଁ ଆସୁଥିବା ୯୦ପ୍ରତିଶତ ରୋଗୀଙ୍କୁ ଡାକ୍ତରମାନେ କରୋନା ପରୀକ୍ଷା କରାଇ ନେବାକୁ କହୁଥିଲେ। ତେଣୁ ପ୍ରକୃତ ରୋଗକୁ ପଛରେ ପକାଇ ପ୍ରଥମେ କରୋନା ପରୀକ୍ଷା କରିବାକୁ ସେମାନେ ଏକପ୍ରକାର ବାଧ ହେଉଥିଲେ। କିନ୍ତୁ ଏବେ ପରିସ୍ଥିତିରେ ଉନ୍ନତି ଆସିଛି। ଗତ ଅଗଷ୍ଟ ଓ ସେପ୍ଟମ୍ବର ମାସରେ ଦୈନିକ ପରୀକ୍ଷା କରାଯାଉଥିବା ରୋଗୀଙ୍କ ମଧରୁ ୧୫ରୁ ୨୦ ପ୍ରତିଶତ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ, ବର୍ତମାନ ଦେଢ଼ ହଜାର ନମୁନା ପରୀକ୍ଷାରୁ ହାରାହାରି ୫ଜଣ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଯାହାକି କରୋନାର ନିମ୍ନଗାମୀ ପ୍ରକୋପ ସମ୍ପର୍କରେ ସୂଚନା ଦେଉଛି। ତଥାପି ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପରିଲକ୍ଷିତ ହେଉ ନାହିଁ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧରେ କରୋନା ଭୟ ନଥିବାବେଳେ, ଏବେ ମଧ ଡାକ୍ତରମାନେ କରୋନାକୁ ନେଇ ଆତଙ୍କିତ ଥିବା କାରଣରୁ ଏପରି ପରିସ୍ଥିତି ଲାଗି ରହିଛି ବୋଲି କୁହାଯାଉଛି।

## ହାଡଭଙ୍ଗା ଶୀତରୁ ରକ୍ଷା ପାଇଁ ନିଆଁ ପୁଆଁ

କେନ୍ଦ୍ରାପଡ଼ା,୨୮।୧୨ (ନି.ପ୍ର): ପ୍ରାୟ ସପ୍ତାହେ ହେବ ଶୀତ ଲହରୀ ବ୍ୟାପିବା ସହ ହାଡଭଙ୍ଗା ଶୀତ ଜନ ସାଧାରଣଙ୍କ ଜନ ଜୀବନ ପ୍ରବାହକୁ ପ୍ରଭାବିତ କରିଛି । ମଣିଷ ଠାରୁ ଆରମ୍ଭ କରି ଗୃହପାଳିତ ପଶୁପକ୍ଷୀ ଓ ବୁଲା ଗାଈଗୋରୁ ମାନେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପୁଆଁକୁ ଆଶ୍ରୟ କରୁଥିବା ଦେଖିବାକୁ ମିଳୁଛି । ସହର ବଜାର ଓ ଛକ ଯାଗା ମାନଙ୍କରେ ରାସ୍ତାରେ ପଡିଥିବା କାଗଜ , ପତର, ବର୍ଜ୍ୟବସ୍ତୁ କୁ ଠୁଳ କରି ସେଥିରେ ନିଆଁ ଲଗାଇ କିଛି ସମୟ ପାଇଁ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ନିଆଁ କରୁଥିବା ଦେଖାଯାଇଛି । ବିଶେଷକରି ବୟସ୍କ ବ୍ୟକ୍ତିମାନେ ନିଆଁ ଜଳାଇ ତା ଚାରିପଟେ ବସିଥିବା ଦେଖିବାକୁ ମିଳୁଛି ।

## ଆଇଏସଏ ପ୍ରମାଣ ପତ୍ର ପାଇଲେ କନ୍ଧମାଳର ୪ଟି ସ୍ୱାସ୍ଥ୍ୟ କେନ୍ଦ୍ର

କନ୍ଧମାଳ,୨୮।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ୪ଟି ସ୍ୱସ୍ଥ୍ୟ କେନ୍ଦ୍ରକୁ ଆନ୍ତର୍ଯ୍ୟାତୀୟ ନିର୍ଭୁଲ ସେବା ପ୍ରଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଇଂଲଣ୍ଡର ଏହି ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପ୍ରମାଣପତ୍ର କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଛାପଡା ପ୍ରଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଦାନ କରାଯାଇଥିବା ଏହି ପ୍ରମାଣ ପତ୍ର ଏହି କେନ୍ଦ୍ର ମାନଙ୍କରେ ଲୋକଙ୍କୁ ପ୍ରଦାନ କରାଯାଉଥିବା ଉନ୍ନତ ମାନର ଓପିଡି ସେବା ପ୍ରଦାନ, ଆଇପିଡି ସେବା, ଜରୁରୀ କାଳୀନ ସେବା, ସଠିକ ଭାବରେ ରୋଗ ଚିହ୍ନଟ, ନିଦାନ, ସରକାରଙ୍କର ନିରାମୟ ସେବା ଅନ୍ତର୍ଗତ ମାଗଣା ଔଷଧ ବିତରଣ ସେବା, ପରିବାର ନିୟୋଜନ ସେବା,ପ୍ରସୃତି ଏବଂ ନବଜାତଙ୍କୁ ପ୍ରଦାନ କରାଯାଉଥିବା ଉତମ ସ୍ୱାସ୍ଥ୍ୟ ସେବା, ପ୍ରତିଷେଧକ ଟିକା ପ୍ରଦାନ, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପରାମର୍ଶ ପ୍ରଦାନ ଏବଂ ସଂକ୍ରମଣ ବିହୀନ ରୋଗର ସେବା ପ୍ରଦାନ କ୍ଷେତ୍ରରେ ଉତମ ଏବଂ ନିର୍ଭୁଲ ସେବା ପ୍ରଦାନ ପାଇଁ ଏହି ୪ଟି ସ୍ୱସ୍ଥ୍ୟ କେନ୍ଦ୍ରକୁ ଆସନ୍ତା ୩ ବର୍ଷ ପାଇଁ ଏହି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଏଠାର କର୍ମଚାରୀଙ୍କର ଏହି ସଫଳତା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଖୁସିର ଲହରୀ ଖେଳିଯାଇଛି ।

## ଜୟପୁରରେ କୃଷକ ସମାବେଶ : ରାଜନୈତିକ ଉଦ୍ଦେଶ୍ୟ ନେଇ ଚାଷୀଙ୍କୁ ଭ୍ରମିତ କରାଯାଉଛି

ଜୟପୁର,୨୮।୧୨ (ନି.ପ୍ର): ରାଜନୈତିକ ଉଦ୍ଦେଶ୍ୟ ନେଇ ଚାଷୀଙ୍କୁ ଭ୍ରମିତ କରାଯାଉଥିବା ଅଭିଯୋଗ କରିଛି ବିଜେପି । ଦେଶର ବିକାଶ ପାଇଁ କୃଷକ ମାନଙ୍କ ପାଇଁ ଏହି ଆଇନ ପ୍ରଣୟନ କରାଯାଇଥିବା ସହ ଏହି ଆଇନ ଦ୍ୱାରା ଚାଷୀର ପ୍ରଗତି ହୋଇପାରିବ ଓ ଦେଶର ବିକାଶ ହୋଇପାରିବ ବୋଲି ଆୟୋଜିତ କୃଷକ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଜୁଏଲ ଓରାମ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରିଥିଲେ । ଜୟପୁର ବାମୁଣି ଗାଁ ଠାରେ ଆୟୋଜିତ କୃଷକ ସମାବେଶରେ ବିରୋଧି ଦଳ ନେତା ପ୍ରଦିପ୍ତ ନାୟକ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସବାପତି ପ୍ରଦିପ ପୁରୋହିତ, ରାଜ୍ୟ ଉପ ସଭାପତି ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ମାଲକାନଗିରି ବିଧାୟକ ଜିଲା ସଭାପତି ଆଦିତ୍ୟ ମାଢି, ଉମରକୋଟ ବିଧାୟକ ନିତ୍ୟନନ୍ଦ ଗଣ୍ଡ. କୃଷକ ମୋଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଗୌତମ ସାମନ୍ତରାୟ ଉପସ୍ଥିତ ଅତିଥି ମାନେ କେନ୍ଦ୍ର କୃଷି ବିଲରେ ଚାଷି ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଇବା ସହ ହକ୍ ମଧ୍ୟ ପାଇବେ । ଦଲାଲର ଶୀକର ହେବ ନାହିଁ ବୋଲି ଚାଷୀଙ୍କୁ ସଚେତନ କରିଥିଲେ । ନୂତନ କୃଷି ଆଇନ ସପକ୍ଷରେ ଆଜି ବିଜେପି ତରଫରୁ ଜୟପୁର ଠାରେ ଅନୁଷ୍ଠିତ ହୋଇଛି । ଅନ୍ୟ ପଟେ ଯୁଗାନ୍ତକାରି ପଦକ୍ଷେପ ନେଇଥିବା ପ୍ରଧାନମନ୍ତ୍ରୀ କେବେବି ଭୁଲ ଆଇନ ପ୍ରଣୟନ କରିବେନି ବୋଲି ପ୍ରଦିପ ପୁରୋହିତ । ବିରୋଧି ନିଜ ରାଜନୈତିକ ସ୍ୱାର୍ଥ ପାଇଂ ଚାଷୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରିଛି ବିଜେପି । ସଚେତନର ବାର୍ତା ନେଇଏବେ ଗାଁ ଗାଁ ରେ ପହଂଚିବାକୁ ଯୋଜନା କରୁଛି ବିଜେପି। କୃଷକ ସମାବେଶ ଏଥିରେ ଅବିଭକ୍ତ କୋରାପୁଟ ଜିଲା ସମେତ ପଡୋଶୀ କଳାହାଣ୍ଡି ଜିଲାର ଶହ ଶହ ଚାଷୀଙ୍କ ସହ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ । ନୂତନ କୃଷି ଆଇନ ଯୋଗୁଁ ଚାଷୀ କିପରି ଲାଭ ବାନ ହୋଇ ପାରିବ ସେ ନେଇ ଦଳୀୟ ନେତା ଉପସ୍ଥିତ ଚାଷୀ ଓ କର୍ମୀଙ୍କୁ ବୁଝାଇଥିଲେ । ଏହା ସହ ବିରୋଧି ନିଜ ରାଜନୈତିକ ସ୍ୱାର୍ଥ ପାଇଁ ଚାଷୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରିଛି ବିଜେପି । ନୂତନ କୃଷି ଆଇନ ଯୋଗୁଁ ଚାଷୀ ଖୋଲା ବଜାରରେ ନିଜ ଉତ୍ପାଦିତ ଶସ୍ୟ ବିକ୍ରି କରି ଅଧିକ ଲାଭ ପାଇପାରିବେ । ସେ ପରି ଅତ୍ୟାବଶ୍ୟକୀୟ ଖାଦ୍ୟ ଆଇନ ଉଚ୍ଛେଦ କରି କଳା ବଜାରୀକୁ ଦୁର କରିବାକୁ ଏହା ମୋଦି ସରକାରଙ୍କ ବଡ ପଦକ୍ଷେପ ବୋଲି ସାଂସଦ ଜୁଏଲ ଓରାମ କହିଥିଲେ । ସେପରି ରାଜ୍ୟର ବିଭିନ୍ନ ମଣ୍ଡିରେ ଦଲାଲି ଓ ଅନିୟମିତତାକୁ ଓ କାଟନି ଛାଟନିକୁ ପ୍ରସଙ୍ଗ କରି ରାଜ୍ୟ ସରଙ୍କୁ ଟାର୍ଗେଟ କରିଥିଲେ ବିରୋଧି ଧଳ ନେତା ପ୍ରଦିପ୍ତ ନାୟକ ଓ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦିପ ପୁରୋହିତ। ଆଗାମି ୨୦୨୪ ରେ ରାଜ୍ୟରେ ବିଜେପି ସରକାର ଗଠନ କରିବା ସହ ନୂତନ ସୂର୍ଯ୍ୟ ଉଦୟ ହେବ ବୋଲି ନେତାମାନେ କହିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଖଗେଶ୍ୱର ପୁଜାରି, ତ୍ରିପୁରାରି ଗରଡା, କୁମୁଦ ସାମନ୍ତା, ରାମ ଚନ୍ଦ୍ର ପାଙ୍ଗି, ପଦୁ ମାଝୀ, ଗୌରି ସଙ୍କର ମାଝୀ, ପର୍ଶୁରାମ ମାଝୀ, ପ୍ରଦୁନ୍ନ ନାୟକ, ଶିବ ଶଙ୍କର ଉଲ୍ଲକା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ରେଳ ବିକାଶ ଉପରେ ସାଂସଦଙ୍କ ଗୁରୁତ୍ୱ

## ଡିଆରଏମ ଏବଂ ଜିଏମଙ୍କ ସହ ମୟୂରଭଞ୍ଜ ସାଂସଦ କଲେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



ବାରିପଦା,୨୮।୧୨ (ନି.ପ୍ର): ମୟୂରଭ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ସମ୍ପାଦକ ଙ୍କ ବିଶ୍ୱେଶ୍ୱର ଟୁଡୁ ଭୁବନେଶ୍ୱର ଗସ୍ତରେ ଯାଇ ସାଂସଦ ଓ ସାଂସଦ ପ୍ରତିନିଧି ପୂର୍ବତଟ ରେଳବାଇର ଡିଆରଏମ ଶଶିକାନ୍ତ ସିଂହ ଏବଂ ଜିଏମ ବିଦ୍ୟାଭୁଷଣ ଙ୍କୁ ଭେଟି ମୟୂରଭଞ୍ଜ ଜିଲ୍ଲାରେ ରେଳ ବିକାଶ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିବା ଜଣା ପଡିଛି । କରୋନା ମହାମାରୀ କାରଣରୁ ବନ୍ଦଥିବା ବାଙ୍ଗିରିପୋଷି - ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସକୁ ମୟୂରଭଞ୍ଜର ଲୋକପର୍ବ ମକର ଉପଲକ୍ଷେ ଅନ୍ତତଃ ୧୫ ଦିନ ପାଇଁ ଚାଲୁ କରାଯାଯିବା ଏବଂ ଫେବ୍ରୁଆରୀ ମାସ ପାଖରୁ ଏଥିରେ ଏସି ବଗି ସଂଯୋଗ କରାଯିବା, ପୁରୀ ଯାଉଥିବା ସାପ୍ତାହିକ ଟ୍ରେନକୁ କରୋନା ସମାପ୍ତ ହେବା ପରେ ସବୁଦିନ ଚଳାଚଳ କରାଯିବା, ମୟୁରଭ ଜିଲ୍ଲାରେ ରେଲୱେ ଗୋଡାଉନର ସୁବିଧା ନଥିବାରୁ ପ୍ରାୟତଃ ସବୁ ଜିନିଷ ଟ୍ରକ ମାଧମରେ ଟ୍ରାନ୍ସପୋର୍ଟ ହୋଇ ଆସୁଛି । ଫଳରେ ସବୁ ଜିନିଷର ଦରଦାମ ଅଧିକ ରହୁଛି । ଯଦି ମୟୁରଭଞ୍ଜ ଜିଲ୍ଲାରେ ରେଲୱେ ଗୋଡାଉନର ବ୍ୟବସ୍ଥା କରାଯାଏ ତେବେ ଜିଲ୍ଲାରେ କିଛି ଲୋକ ରୋଜଗାର ପାଇବା ସହ ଅଳ୍ପ ଖର୍ଚ୍ଚରେ ତାହା ଲୋକଙ୍କ ପାଖରେ ପହଂଚିପାରିବ । ଏଣୁ ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଠାରେ ରେଲୱେ ଗୋଡାଉନ୍ ନିର୍ମାଣ କରାଯିବା, କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ, ବାଦାମପାହାଡ଼ ଓ ଝାରଖଣ୍ଡର ଚାଇଁବସା ଆଦି ଖଣିରୁ ଲୁହାପଥର ଗୁଡିକ ଟ୍ରକ ମାଧମରେ ଧାମରା, ହଳଦିଆ, ଓ ପାରାଦ୍ୱୀପ ପୋର୍ଟକୁ ଟ୍ରାନ୍ସପୋର୍ଟ ହେଉଥିବାରୁ ଜାତୀୟ ରାଜପଥ ଜାମ ହେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟୁଛି ତେଣୁ ବାଙ୍ଗିରିପୋଷି ଠାରେ ସ୍ଥାନ ଚିହ୍ନଟ କରି ଏକ ରେଲୱେ ସାଇଟିଂ ନିର୍ମାଣ କରାଯାଏ ତେବେ ଆଖ ପାଖର ପ୍ରାୟ ଦୁଇ ହଜାର ପରିବାର ରୋଜଗାର ପାଇବେ ବୋଲି ସାଂସଦ ପ୍ରସ୍ତାବ ଦେଇଛନ୍ତି । ଏହି ସବୁ ପ୍ରସ୍ତାବ ଉପରେ ଜିଏମଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ବେଳେ ଏସବୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ସେ ପ୍ରତିଶୃତି ଦେଇଛନ୍ତି । ଶେଷରେ ନୂତନ ରେଳଲାଇନ ରାଜଘାଟରୁ ଧାମରା ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବାବେଳେ ମୟୁରଭଞ୍ଜ ଜିଲ୍ଲାର ସବୁ ଶ୍ରେଣୀର କିଛି ଲୋକ କିପରି ନିଯୁକ୍ତି ପାଇପାରିବେ ସେଥିନେଇ ମଧ ସାଂସଦ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଡିଆରୟୁସିସି / ଜେଡଆରୟୁସିସି ମେମ୍ବର ହେମନ୍ତ ଶାହ ମଧ ଉପସ୍ଥିତ ଥିଲେ ।

## ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ

ଜଳେଶ୍ୱର,୨୮।୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ପଂଚାୟତର ଛୋଟ ବେଗୁନିଆ ଗ୍ରାମରେ ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧା ବାପା ମାକୁ କମ୍ବଳ ବଣ୍ଟନ କରାଯାଇଛି । ଫାଉଣ୍ଡେସନର ସଭାପତି ମାନସ ରାଂଜନ ଧଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟରେ ସୁବାଶିଷ ମାନସ ରଂଜନ ରାଉଳ, ପ୍ରଶାନ୍ତ କୁମାର ବେହେରା, ଅମିତ୍ କୁମାର ପ୍ରଧାନ, ଘନଶ୍ୟାମ ପାତ୍ର, ପ୍ରବୀର ଦାସ, ମହାପ୍ରସାଦ ପାତ୍ର, ଅତନୁ ବେହେରା, ତପନ ଦେ, ମାଧବେନ୍ଦ୍ର ପାତ୍ର, ହରିଚନ୍ଦନ ଦେ, ଜୟକୃଷ୍ଣ ବେହେରା, ଦୁର୍ଗା ହାଁସଦା, ତପନ କୁମାର ଧଳ, ରାମଚନ୍ଦ୍ର ଦତ୍ତ, ସନ୍ତୋଷ ଦାସ, , ପରେଶ ପାତ୍ର, ଯଜାତିକେଶରୀ ରାଜ, ନରେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି ।

## 'ଜୀବନ ବିନ୍ଦୁ' ଓଡ଼ିଶା-ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଧାମନଗର,୨୮।୧୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସ୍ଥିତ ଏକ.ଏ.କେ ହାଇସ୍କୁଲ ପରିସରରେ ବିଜୁ ଜନତା ଦଳର ସ୍ୱେଚ୍ଛାକୃତ ରକ୍ତଦାନ ଅଭିଜାନ କାର୍ଯ୍ୟକ୍ରମ ମାଧମରେ ଜୀବନ ବିନ୍ଦୁ ଓଡ଼ିଶା-ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ରକ୍ତଦାନ ଶିବିରକୁ ଭଦ୍ରକ ସାଂସଦ ମାନନୀୟା ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ତଥା ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ନାରୟଣ ଚନ୍ଦ୍ର ସାହୁ, ହରେକୃଷ୍ଣ ପାଢ଼ୀ, ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଉପସଭାପତି କୃଷ୍ଣଚନ୍ଦ୍ର ପତି, ସ୍ଥାନୀୟ ସରପଞ୍ଚ ଚମ୍ପାବତୀ ଦଳାଇ, ସମିତି ସଭ୍ୟ କୈଳାଶ ଯେନା, ନଗର ସଭାପତି ସୁଶାନ୍ତ କୁମାର ରାଉତ, ପୂର୍ବତନ ସରପଂଚ ସାରଦା ପ୍ରସନ୍ନ ସାହୁ, ବିଜୁ ଯୁବ ସଭାପତି ଭାରତ ବିଜୟ ଦଳାଇ, ନଗର ବିଜୁ ଯୁବ ସଭାପତି ସେକ ସଏଫ୍‌ଉଦ୍ଦିନ, ସଂଖ୍ୟାଲଘୁ ନେତା ସେକ୍ ଜାଫର ଅଲ୍ଲୀ, ଯୁବନେତା ତଥାଗତ ସାମଲ, ବିଶିଷ୍ଟ ସମାଜସେବୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପୂର୍ବତନ ଜିଲ୍ଲାପରିଷଦ ନିରାକାର ତରାଇଙ୍କ ସମେତ ବିଜେଡ଼ିର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ତ ଭଣ୍ଡାରର ଅଧିକାରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ମହତ ଦାନୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ପ୍ରମାଣ ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୨ ଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଜଳେଶ୍ୱର, ୨୮/୧୨ (ନିପ୍ର) : ଜଳେଶ୍ୱର ବ୍ଲକର ଛମୌଜ ସ୍ଥିତ ଦୀନକୃଷ୍ଣ କ୍ଲବ ପକ୍ଷରୁ ୨ଦିନିଆ ଭଲିବଲ୍ ଟୁର୍ଣ୍ଣମେଣ୍ଟର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୬ଟି ଦଳ ଭାଗ ନେଇଥିବା ବେଳେ ପାଇକସିଦା ଦଳ ଚମ୍ପିଆନ ଓ ଛମୌଜ ରନର୍ସଅପ ହୋଇଥିଲେ । ଏହି ସଭାରେ ଗୌରାଙ୍ଗ ବାନାର୍ଜୀ, ବନବିହାରୀ ଦାସମହାପାତ୍ର, ସେମାନାଥ ପଣ୍ଡା ପ୍ରମୁଖ ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ଓଝା ଓ ସଂପାଦକ ରାଧାକୃଷ୍ଣ ଦାସ ପ୍ରମୁଖ ଖେଳାଳୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଖେଳକୁ ହେମନ୍ତ ପାତ୍ର, ସ୍ମୃତିରଂଜନ ପରିଡା, ଶତୃଘ୍ନ ପ୍ରଧାନ, ସଂଦିପ ଜେନା, ଜୟନ୍ତ ପରିଡା, ଦୁର୍ଗାଶଂକର ଜେନା, ଚିକୁ ପ୍ରଧାନ, ଚିନ୍ମୟ ପ୍ରମାଣିକ, ଉତ୍ତମ ଜେନା, ନିତାଇ ଦାସ, ବିଜୁ ରାଉତ, ସୁଧାକର ପାତ୍ର, ସପନ ପରିଡା, ରାଜଗୋପାଳ ଓଝା, ପରିତୋଷ ବାନାର୍ଜୀ ପରିଚାଳନା କରିଥିଲେ ।

## ଆଲୋକ ମହାପାତ୍ର ପୁର୍ନବାର ପାରାଦୀପ ଯୁବ ବିଜେଡି ସଭାପତି ଭାବେ ମନୋନୀତ



ପାରାଦୀପ,୨୮।୧୨ (ନି.ପ୍ର): ପାରାଦୀପ ବିଜେଡି ସଂଗଠନର ଯୁବ ସଭାପତି ଭାବେ ପୁନର୍ବାର ମନୋନୀତ ହୋଇଛନ୍ତି ଆଲୋକ ମହାପାତ୍ର । ଶ୍ରୀ ମହାପାତ୍ର ପୂର୍ବରୁ ପାରାଦୀପ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଠାରୁ ଆରମ୍ଭ କରି ନିଜର ଦକ୍ଷତା ବଳରେ ପାରାଦୀପ ବିଜୁ ଜନତା ଦଳ(ବିଜେଡି)ର ଯୁବ ସଭାପତି ହୋଇପାରିଛନ୍ତି । ପୁନର୍ବାର ଯୁବ ସଭାପତି ଭାବେ ମନୋନୀତ ହେବା ପରେ ଯୁବ ବିଜେଡି କର୍ମୀମାନଙ୍କ ମଧରେ ଖୁସିର ଲହର ପ୍ରକାଶ ପାଇଛି । ଏହି ପଦବିରେ ପୁନର୍ବାର ଅଧିଷ୍ଠିତ ହେବା ପରେ ଶ୍ରୀ ମହାପାତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ରାଜ୍ୟ ସଂଗଠନ ସଂପାଦକ ତଥା ମାନ୍ୟବର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସାଧାରଣ ସଂପାଦକ ତଥା ଯୁବ ବ୍ୟାପାର ଅଧକ୍ଷ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡି ସଭାପତି ମାନ୍ୟବର ବିଧାୟକ ବ୍ୟାମକେଶ ରାୟ, ପାରାଦୀପ ବିଧାୟକ ସଂମ୍ବିତ ରାଉତରାୟ, ପାରାଦୀପ ନଗର ସଭାପତି ବସନ୍ତ ବଶ୍ୱାଳ, କାର୍ଯ୍ୟକାରୀ ସଭାପତି କୁମରବର ନାୟକ ଓ ଉଲ୍ଲାସ ବିଶ୍ୱାଳ ସମେତ ରାଜ୍ୟ ବିଜେଡି ସାଧାରଣ ସଂପାଦକ ପ୍ରମୋଦ କିଶୋର ଜେନା, ରାଜ୍ୟ ସଂପାଦକ ସନ୍ତୋଷ କୁମାର ପଟ୍ଟନାୟକ, ରାଜ୍ୟ ଯୁଗ୍ମ ସଂପାଦିକା ସବିତା ମହାପାତ୍ର, ପାରାଦୀପ ବିଜେଡିର ସମସ୍ତ କର୍ମୀ ଭାଇଭଉଣୀ ମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## 'ଓଡ଼ିଶା ମୋ ପରିବାର' ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୮।୧୨ (ନି.ପ୍ର): 'ଓଡ଼ିଶା ମୋ ପରିବାର' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଭଣ୍ଡାର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁବାସିନୀ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସଂଗଠନର ଜନସେବା ମୂଳକ ଉଦ୍ୟମକୁ ଭୟସୀ ପ୍ରଶଂସ କରିଥିଲେ । ଛାତ୍ରନେତା ହ୍ରିତିକ୍ ନାୟକଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଓଡ଼ିଶା ମୋ ପରିବାରର ବାଲେଶ୍ୱର ଜିଲ୍ଲା ସଂଯୋଜକ ସାହିରୁଲ ହକ୍, ଯୁବନେତା ପିଣ୍ଟୁ ଆଚାର୍ଯ୍ୟ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତାଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶୁଭମ ସାଇ ମହାପାତ୍ର, ଅଭିଜିତ ବିଶ୍ୱାଳ, ରୀମା ଜୋଶେଫ, ଅଭିଜିତ୍ ଦାସ, ଶୁଭଜିତ୍ ଭୋଇ, ବିବେକ କୁମାର ମହାନ୍ତି, ହରିହର ମନ୍ତ୍ରୀ, ଜସ୍ମିନ୍ ଗିରି, ଶ୍ରରାମ ପ୍ରଧାନ, ଦେବଲ୍ୟାଣ ଗିରି, ବିକି ବେହେରା, ସ୍ୱସ୍ତିକ୍ ଗୁଡୁ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଆଗାମୀ ଦିନରେ ଏହିଭଳି ଶିବିର ନିୟମିତ ଅନୁଷ୍ଠିତ ହେବ ବୋଲି ଛାତ୍ରନେତା ହ୍ରିତିକ୍ ନାୟକ ସୂଚନା ଦେଇଥିଲେ ।

## ଇକୋ ଫ୍ରେଣ୍ଡସ ଆୟୋଜିତ ଗୀତା ଜୟନ୍ତୀରେ ବିସ୍ମୟ ବାଳିକା ପରିରୂପା ମହାନ୍ତଙ୍କୁ ସମ୍ବର୍ଦ୍ଧନା



ଉଦଳା,୨୮।୧୨ (ନି.ପ୍ର): ମା ସବଳା ବିଶ୍ୱକଲ୍ୟାଣ ସେବା ସମିତି ତଥା ଇକୋ ଫ୍ରେଣ୍ଡସ ଆନୁକୁଲ୍ୟରେ ମହୁଲିଆ ଠାରେ ଅନୁଷ୍ଠିତ ହୋଇଥିବା ହିନ୍ଦୁ ଧର୍ମର ସର୍ବଶାସ୍ତ୍ର ଶିରୋମଣି ପବିତ୍ର ଗୀତା ଜୟନ୍ତୀ ପାଳନ ଅବସରରେ ମାତ୍ର ୭ ବର୍ଷ ବୟସରେ ଶ୍ରୀମଦ୍‌ଭଗବତ ଗୀତାର ଶାତ ଶହ ଶ୍ଳୋକ ମନେ ରଖିଥିବା ବିସ୍ମୟ ବାଳିକା ପରିରୂପା ମହାନ୍ତଙ୍କୁ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ତଥା ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଗୀତା ଜୟନ୍ତିରେ ମୁଖ୍ୟ ବକ୍ତା ଭାବରେ ପରିରୂପା ମହାନ୍ତ ଯୋଗଦାନ କରି ଶ୍ରୀମଦ୍ ଭଗବତ ଗୀତାର ଜନ୍ମ, ଗୀତାର ମହାତ୍ମ୍ୟ ଏବଂ ଗୀତାର ସାରତତ୍ତ୍ୱକୁ ଅତି ହୃଦୟସ୍ପର୍ଶୀ ଭାବେ ଉପସ୍ଥାପନ କରିଥିଲେ । ଶ୍ଳୋକ ଗୁଡ଼ିକୁ ଅତି ସ୍ୱଷ୍ଟ ଭାବରେ ଉଚ୍ଚାରଣ କରି ସଂସ୍କୃତ ଶ୍ଳୋକର ଓଡ଼ିଆ ବ୍ୟାଖ୍ୟା କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ । ଏହି ଗୀତା ଜୟନ୍ତୀ ଉତ୍ସବରେ ବିସ୍ମୟ ବାଳିକା ପରିରୂପାର ମାତା ସରୋଜିନି ଏକାଡ଼େମୀର ଅଧକ୍ଷା ମମତା ମହାନ୍ତ ଏବଂ ପିତା ଶିକ୍ଷକ ତପନ କୁମାର ମହାନ୍ତଙ୍କୁ ମଧ ବିଶେଷ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମା ସବଳା ବିଶ୍ୱକଲ୍ୟାଣ ସେବା ସମିତିର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ଅନ୍ନଦା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗୀତା ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଡ଼. ଶ୍ୟାମସୁନ୍ଦର ଦାସ, ବିଶିଷ୍ଟ ଅତିଥି ଭାବରେ ସମାଜସେବୀ ଆଇନଜୀବି ବସନ୍ତ କୁମାର ମହାନ୍ତ, ଅଧାପକ ଯୋଗେଶ୍ୱର ମହାନ୍ତ , ବିଶିଷ୍ଟ ବକ୍ତା ଭାବରେ ମୟୂରଭଞ୍ଜ ଯୋଗ ଶିକ୍ଷକ ସଂଘର ସଭାପତି ଡ଼. ପରମାନନ୍ଦ ମହାନ୍ତ, ସଠିଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନୁପୁର ନାହା, ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ମହାନ୍ତ, ୱାର୍ଡ଼ ସଭ୍ୟା ମାମିନା ମହାନ୍ତ, ପ୍ରାକ୍ତନ ଉପରାଜ୍ୟପାଳ ଗିରିଶଚନ୍ଦ୍ର ମହାନ୍ତଙ୍କ ସାନ ଭଉଣୀ ଶିକ୍ଷୟତ୍ରୀ ସାବିତ୍ରୀ ମୁର୍ମୁ ପ୍ରମୁଖ ଯୋଗଦାନ କରି ପରିରୂପାର ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଗୀତା ଜୟନ୍ତି ପାଳନକୁ ସଫଳ କରିଥିଲେ । ଏହି ପବିତ୍ର ଦିବସରେ ଚଳିତ ବର୍ଷ ମହୁଲିଆ ବିଦ୍ୟାଳୟ ବ୍ଲକରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଓଡ଼ିଶା ସରକାରଙ୍କ ଠାରୁ ପୁରସ୍କାର ଲାଭ କରିଥିବାରୁ ଗ୍ରାମବାସୀ ତଥା ମା ସବଳା ବିଶ୍ୱକଲ୍ୟାଣ ସେବାସମିତି ଏବଂ ଇକୋ ଫ୍ରେଣ୍ଡସ ପକ୍ଷରୁ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ ନୁପୁର ନାହା ମହୋଦୟାଙ୍କୁ ତଥା ସହକାରୀ ଶିକ୍ଷୟତ୍ରୀ ଭାରତୀ ମହାନ୍ତ ଏବଂ ପ୍ରଧାନ ଶିକ୍ଷୟତ୍ରୀ ଅନ୍ନଦା ମହାନ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଭାକାର୍ଯ୍ୟ ପରିଚାଳନ କରିଥିଲେ ଡ଼. ରମାକାନ୍ତ ମହାନ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ରତିକାନ୍ତ ମହାନ୍ତ । ଏଥିରେ ଉମାକାନ୍ତ ମହାନ୍ତ, ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଇକୋ ଫ୍ରେଣ୍ଡ ଭକ୍ତହରି ମୁର୍ମୁ, ଇଂ. ପରମାନନ୍ଦ ମହାନ୍ତ, ଜହରଲାଲ ମହାନ୍ତ, ଦୈତାରୀ ମହାନ୍ତ, ଗୌରଚରଣ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଭାରତୀ ହାଁସଦା, ସୁମିତ୍ରା ମୁର୍ମୁ, ଗୌରହରି ସିହ୍ନା, ମିନାକ୍ଷୀ ମହାନ୍ତ, ନିବେଦିତା ମହାନ୍ତ, ସାବିତ୍ରୀ ମହାନ୍ତ, ଭୁବନେଶ୍ୱରୀ ମହାନ୍ତ, ନିକିତା ସିହ୍ନା, ପଲ୍ଲବୀ ସିହ୍ନା ରାଇମଣି ଟୁଡୁ, ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ....

ପଦୋନ୍ନତି ସମ୍ବନ୍ଧୀୟ ଚୟନ ତାଲିକା ପ୍ରତିସ୍ଥାପନରେ ସଂଶୋଧନର ଆବଶ୍ୟକତା ରହିଥିଲା । ସେହିପରି ୧୯୭୪ ମସିହାରୁ ୨୦୧୬ ମଧ୍ୟରେ ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୟନ କରାଯାଇଥିବା ୨୦୬ଟି ଅନାବଶ୍ୟକ ଅଧିନିୟମକୁ ପ୍ରତ୍ୟାହାର କରିବାକୁ ରାଜ୍ୟ କ୍ୟାବିନେଟ୍ ରେ ନିଷ୍ପତି ହୋଇଛି । ରାଜ୍ୟ ବିଧି ଆୟୋଗ ଚଳିତ ଡିସେମ୍ବର ୨୧ ତାରିଖରେ ତାଙ୍କ ରିପୋର୍ଟରେ ଏହି ଅଧିନିୟମ ଗୁଡିକୁ ପ୍ରତ୍ୟାର କରିବାକୁ ସୁପାରିସ କରିଥିଲେ । ଅଧିବକ୍ତା କଲ୍ୟାଣ ପାଣ୍ଠି (ଆଡଭୋକେଟସ୍ ୱେଲଫେୟାର ଫଣ୍ଡ)ର ସଦସ୍ୟଙ୍କର ମୃତ୍ୟ , ଅବସର , ସ୍ଥାୟୀ ଶାରୀରିକ କିମ୍ବା ମାନସିକ ଅକ୍ଷମତା କାରଣରୁ ସ୍ୱେଚ୍ଛାକୃତ ସେବାନିବୃତି ହେଲେ ସମ୍ପ୍ରତି ପାଉଥିବା ଆର୍ଥିକ ସୁବିଧା ଠାରୁ ଅଧିକ ଆର୍ଥିକ ଲାଭ ପାଇବେ ।ଏଥିପାଇଁ ଟ୍ରଷ୍ଟ କମିଟି ସୁପାରିଶ କରିଛି । ଓଡିଶା ଫ୍ୟାକ୍ଟ୍ରିଜ୍ ଆଣ୍ଡ ବୟଲରସ୍ କ୍ରାଡରର ମୂଳ ପଦବୀ ଆସିଷ୍ଟାଂଟ ଡାଇରେକ୍ଟର ଗ୍ରୁପ୍ ବିରୁ ଗ୍ରୁପ୍ ଏ କୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହାଦ୍ୱାରାଖାଲି ପଡିଥିବା ଆସିଷ୍ଟାଂଟ ଡାଇରେକ୍ଟର ପଦବୀ ଗୁଡିକ ଲୋକସେବା ଆୟୋଗ ଦ୍ୱାରା ପୂରଣ କରାଯାଇପାରିବ । ଓଡିଶା ଆର୍ୟୁବେଦ ଭେଷଜ ପ୍ରବର୍ତନ ସେବାରେ ମେଧାବୀ, ଗୁଣାତ୍ମକ ତଥା ଯୋଗ୍ୟ ପ୍ରାର୍ଥୀ ଚୟନ , ପରବର୍ତୀ ପଦୋନ୍ନତି ତଥା ସେବା ନିୟନ୍ତ୍ରଣ ପାଇଁ ଏକ ସମାନ , ଗୁଣାତ୍ମକ ଓ ନିରପେକ୍ଷ ପଦ୍ଧତି ପ୍ରଣୟନ ଲାଗି ଓଡିଶା ଆର୍ୟୁବେଦ ଭେଷଜ ପ୍ରବର୍ତନ ସେବା(ନିଯୁକ୍ତି ପଦ୍ଧତି ଓ ସେବା ସର୍ତାବଳୀ)୨୦୨୦ କୁ ରାଜ୍ୟ କ୍ୟାବିନେଟ୍ ରେ ଅନୁମୋଦନ କରାଯାଇଛି । ଅନୁମୋଦନପ୍ରାପ୍ତ ସ୍କିମ୍ ଓ ସୋସାଇଟି ଅଧୀନରେ କାର୍ଯ୍ୟକରୁଥିବା ଠିକା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ପୁରୁଷ)ମାନଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ସ୍ୱାସ୍ଥ୍ୟସେବାରେ ଅନ୍ତର୍ଭୁକ୍ତ କରାଯାଇ ନିୟମିତ କରାଯିବ । ତେବେ ଏଥିପାଇଁ ୧୦୦ ମାର୍କର ଲିଖିତ ପରୀକ୍ଷା ଦେବାକୁ ହେବ । ପରୀକ୍ଷାର ୬୦% ପ୍ରଶ୍ନ ସେମାନଙ୍କର ପାଠ୍ୟକ୍ରମ ଅର୍ନ୍ତଭୁକ୍ତ , ୨୫% ପ୍ରାକ୍ଟିକାଲ , ୧୦% ଏରିଥମେଟିକ ଓ ୫% ପ୍ରଶ୍ନ ଏଚଏସସି ଷ୍ଟାଣ୍ଡାର୍ଡର ଇଂରାଜୀ ଭାଷା ରହିବ । ୨ ଘଂଟା ସମୟରେ ଅବଜେକ୍ଟିଭ୍ ଟାଇପ୍ ମଲ୍ଟିପଲ୍ ଚଏସ୍ ବ୍ୟବସ୍ଥାରେ ପରୀକ୍ଷା କରାଯିବ ଏବଂ ଏଥିରେ ନେଗେଟିଭ୍ ମାର୍କି ରହିବ । ଯେଉଁମାନଙ୍କ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ଠିକ୍ ଥିବ ସେମାନଙ୍କ ଆବେଦନର ବୟସସୀମା ୪୫ ବର୍ଷ ଧାର୍ଯ୍ୟ କରାଯାଇଛି । ଠିକା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ମାନଙ୍କ ନିଯୁକ୍ତି ପାଇଁ ମଧ୍ୟ ସମାନ ବ୍ୟବସ୍ଥା କରାଯିବ । ତେବେ ସେମାନଙ୍କ ଆବେଦନର ବୟସସୀମା ୫୦ ବର୍ଷରୁ ୪୫ ବର୍ଷକୁ ହ୍ରାସ କରାଯାଇଛି । ଏହି ବୈଠକରେ ଇସ୍ପାତ ଓ ଖଣି ସଚିବ ସୁରେନ୍ଦ୍ର କୁମାର, ଆଇନ ସଚିବ ଶଶୀକାନ୍ତ ମିଶ୍ର ଓ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଭାରତର ପ୍ରଥମ ଚାଳକବିହୀନ ....

ସେ ଏହି ତଥ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ କିଛି ଦଶନ୍ଧି ପୂର୍ବେ ଯେତେବେଳେ ସହରୀକରଣର ଚାହିଦା ଅନୁଭୂତ ହୋଇଥିଲା, ଭବିଷ୍ୟତର ଆବଶ୍ୟକତା ପ୍ରତି ସେତେଟା ଧାନ ଦିଆଯାଇନଥିଲା, ଅଧାପନ୍ତରିଆ କାମ କରାଯାଇଥିଲା ଏବଂ ଦ୍ୱନ୍ଦ୍ୱ ରହିଥିଲା । କିନ୍ତୁ ଆଜି ପରିସ୍ଥିତି ଭିନ୍ନ । ଆଧୁନିକ ଚିନ୍ତାଧାରା ହେଉଛି ସହରୀକରଣକୁ ଏକ ଆହ୍ୱାନ ଭାବେ ନୁହେଁ ବରଂ ଦେଶରେ ଉନ୍ନତ ଭିତିଭୂମି ନିର୍ମାଣ କରିବାର ଏକ ସୁଯୋଗ ଭାବେ ଦେଖାଯିବା ଉଚିତ । ଏପରି ଏକ ସୁଯୋଗ ଯାହା ମାଧମରେ ଆମେ ଆମର ଜୀବନଧାରଣ ମାନକୁ ସୁଗମ କରିପାରିବା । ସେ କହିଥିଲେ ଏହି ଅଭିନବ ଚିନ୍ତାଧାରା ଏବେ ସହରୀକରଣର ପ୍ରତ୍ୟେକ ଦିଗରେ ଦେଖିବାକୁ ମିଳୁଛି । ସେ କହିଥିଲେ ଯେ ୨୦୧୪ରେ ମାତ୍ର ୫ଟି ସହରରେ ମେଟ୍ରୋ ରେଳ ସେବା ଥିଲା, ଆଜି ମେଟ୍ରୋ ରେଳ ୧୮ଟି ସହରରେ ରହିଛି । ୨୦୨୫ ସୁଦ୍ଧା, ଆମେ ଏହାକୁ ୨୫ଟି ସହରକୁ ବଢ଼ାଇବା ଲାଗି ଲକ୍ଷ୍ୟ ରଖିଛୁ । ୨୦୧୪ରେ ମାତ୍ର ୨୪୮ କିମି ମେଟ୍ରୋ ଲାଇନ ଦେଶରେ କାର୍ଯ୍ୟକ୍ଷମ ହୋଇଥିଲା ଏବଂ ଆଜି ଏହାର ତିନି ଗୁଣା ଅର୍ଥାତ ୭୦୦ କିମିରୁ ଅଧିକ ମେଟ୍ରୋ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି । ୨୦୨୫ ସୁଦ୍ଧା ଆମେ ଏହାକୁ ୧୭୦୦ କିମିକୁ ସମ୍ପ୍ରସାରିତ କରିବା ଲାଗି ପ୍ରୟାସ କରୁଛୁ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏଗୁଡ଼ିକ କେବଳ ତଥ୍ୟ ନୁହେଁ ବରଂ କୋଟି କୋଟି ଭାରତବାସୀଙ୍କ ସହଜ ଜୀବନଧାରଣରେ ଆସିଥିବା ସୁଧାରର ପ୍ରମାଣ । ଏଗୁଡ଼ିକ କେବଳ ଇଟା ଓ ପଥର, କଂକ୍ରିଟ ଓ ଲୁହାରେ ନିର୍ମିତ ଭିତିଭୂମି ନୁହେଁ, ବରଂ ଦେଶର ନାଗରିକ, ମଧ୍ୟମବର୍ଗଙ୍କ ଆଶା ଆକାଂକ୍ଷା ପୂରଣ ହେବାର ପ୍ରମାଣ । ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରି କହିଥିଲେ ଯେ ସରକାର ପ୍ରଥମ ଥର ଲାଗି ଏକ ମେଟ୍ରୋ ନୀତି ପ୍ରଣୟନ କରିଛନ୍ତି ଏବଂ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ରଣନୀତି ସହିତ କାର୍ଯ୍ୟକାରୀ କରୁଛନ୍ତି । ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବା, ସ୍ଥାନୀୟ ମାନକକୁ ପ୍ରୋତ୍ସାହନ ଦେବା, ମେକ ଇନ ଇଣ୍ଡିଆକୁ ସମ୍ପ୍ରସାରିତ କରିବା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ଉପଯୋଗ ଉପରେ ଜୋର ଦିଆଯାଉଛି । ସେ କହିଥିଲେ, ମେଟ୍ରୋ ରେଳ ସମ୍ପ୍ରସାରଣକୁ ସହରାଂଚଳର ଲୋକମାନଙ୍କର ଆବଶ୍ୟକତା ଏବଂ ସେଠାକାର ପେସାଦାର ଜୀବନ ଶୈଳୀ ଅନୁଯାୟୀ ଆଧୁନିକ ପରିବହନ ମାଧମର ଉପଯୋଗ କରାଯିବା ଉଚିତ । ଏହି କାରଣରୁ ବିଭିନ୍ନ ସହରରେ ବିଭିନ୍ନ ପ୍ରକାରର ମେଟ୍ରୋ ଉପରେ କାର୍ଯ୍ୟ କରାଯାଉଛି ।

### ନୂଆବର୍ଷରୁ ପ୍ରବଳ ...

ଏହି ସବୁ ଜିଲ୍ଲାରେ ରାତିର ପାରଦ ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ଖସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଉଲ୍ଲେଖନୀୟ ଯେ ଆଜି ୧୦ଡ଼ିଗ୍ରୀ ତଳେ ୬ସହରର ତାପମାତ୍ରାର ରହିଥିଲା । ଫୁଲବାଣୀ ରେ ସର୍ବନିମ୍ନ ୫.୫ ଡିଗ୍ରୀ , ଦାରିଙ୍ଗବାଡି ୬.୫ ଡିଗ୍ରୀ , ଭବାନୀପାଟଣା ୯.୨ ଡିଗ୍ରୀ , ବାରିପଦା ୯.୪ ଡିଗ୍ରୀ , ଝାରସୁଗୁଡା ୯.୪ଡିଗ୍ରୀ ଏବଂ କୋରାପୁଟ ୯.୬ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ଭୁବନେଶ୍ୱର ଠାରେ ୧୩.୨ ଡ଼ିଗ୍ରୀ ଏବଂ କଟକ ଠାରେ ୧୨ଡ଼ିଗ୍ରୀ ରାତ୍ରି ତାପମାତ୍ରା ରେକର୍ଡ ହୋଇଥିଲା ।

### ପ୍ରଧାନମନ୍ତ୍ରୀ ଆବାସ ....

ରାଜ୍ୟ ଯୋଜନା ବୋଲି ପ୍ରଚାର କରିବାର ଷଡଯନ୍ତ୍ର କରି ରାଜ୍ୟ ବାସୀଙ୍କୁ ଠକୁଛନ୍ତି ।ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏକ ଚିଠି ବାଂଟୁଛନ୍ତି ଯେଉଁ ଥିରେ ସବୁ ପକ୍କା ଘର ତାଙ୍କ ସରକାର ଯୋଗାଇଦେଇଛନ୍ତି ବୋଲି ପ୍ରଚାର କରୁଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ଦଳର ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ,ଭୁବନେଶ୍ୱର ଯୁବମୋର୍ଚ୍ଚା ସଭାପତି ଅଭିଷେକ ଆଚାର୍ଯ୍ୟ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ର ସମସ୍ତ ମଣ୍ଡଳ ସଭାପତି ପ୍ରମୁଖ ଯୋଗଦେଇଥିଲେ ।

## କ୍ୟାବିନେଟ୍ ନିଷ୍ପତ୍ତି : ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ, ଇଂଜିନିୟରିଂ କଲେଜରେ ମିଳିବ ସଂରକ୍ଷଣ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟରେ ଥିବା ଡାକ୍ତରୀ, ଇଂଜିନିୟରିଂ କଲେଜରେ ନାମଲେଖା ବେଳେ ସଂରକ୍ଷଣ ମିଳିବ । ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟରେ ଏହା ଲାଗୁ ହେବ । ସୋମବାର ଦିନ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏକ ସଂକଳ୍ପ ଗୃହୀତ ହୋଇଛି । ଏହି ସଂକଳ୍ପକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରିବେ । ଏହି କମିଟିରେ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷାବିତମାନେ ସଦସ୍ୟ ରହିବେ । ଏହି କମିଟି ୩ ମାସ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବା ପରେ କମିଟିର ସୁପାରିଶକୁ ଆଗାମୀ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରାଯିବ ବୋଲି କ୍ୟାବିନେଟ୍ ବୈଠକରୁ ସୂଚନା ମିଳିଛି । ଡାକ୍ତରୀ ଓ ଇଂଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଏନଇଇଟି ଓ ଜେଇଇ ପରି ଏକକ ପ୍ରବେଶିକା ପରୀକ୍ଷା ହେବା ପରେ ଓଡ଼ିଶାର ସରକାରୀ ହାଇସ୍କୁଲ ଓ କଲେଜଗୁଡ଼ିକର ମେଧାବୀ ଛାତ୍ରଛାତ୍ରୀ ସଂଖ୍ୟା ଉକ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ବିଶେଷକରି ଗ୍ରାମାଂଚଳ ଛାତ୍ରଛାତ୍ରୀମାନେ ପଛେଇ ଯାଉଛନ୍ତି । ଉପରୋକ୍ତ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ପାଇଁ ଉତମ କୋଚିଂର ଆବଶ୍ୟକତା ରହିଛି । କିନ୍ତୁ ସେସବୁ କୋଚିଂ ସୁବିଧା କେବଳ ସହରାଂଚଳରେ ଥିବାରୁ ଗ୍ରାମାଂଚଳ ଓ ସରକାରୀ ସ୍କୁଲରେ ପଢୁଥିବା ପିଲାମାନେ ଏହାର ସୁଯୋଗ ନେଇପାରୁ ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟରେ ଥିବା ଡାକ୍ତରୀ, ଇଂଜିନିୟରିଂ କଲେଜଗୁଡ଼ିକରେ ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ସଂକଳ୍ପ ନେଇଛନ୍ତି ।

## ଆବାସ ହିତାଧିକାରୀ ଚୟନରେ ଅନିୟମିତତା : ବିଜେପି ପକ୍ଷରୁ ଫେରାଦ

ବାଲେଶ୍ୱର,୨୮।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ସଦର ବ୍ଲକରେ ହୋଇଥିବା ବ୍ୟାପକ ଅନିୟମିତତାକୁ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ବିଜେପି କର୍ମକର୍ତ୍ତା । ସଦର ବିଜେପି ନେତା ମାନସ ଦତ୍ତଙ୍କ ନେତୃତ୍ୱରେ ୨୬ ଗୋଟି ପଞ୍ଚାୟତରେ ଯୋଜନାରୁ ଆବାସ ଗୃହ ପାଇବାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନେ ଆଜି ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ ସହ ସଦର ବ୍ଲକ ଅଧିକାରୀଙ୍କ ଚଞ୍ଚକାତା ସମ୍ପର୍କରେ ଅବଗତ କରିଛନ୍ତି । ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରି ଚଳିତ ୨୦୨୦-୨୧ ଅର୍ଥିକ ବର୍ଷରେ ୩ ହଜାରରୁ ଅଧିକ ଆବାସ ଫେରାଇ ଦିଆଯାଇଥିବା ଶ୍ରୀ ଦତ୍ତ ଆରୋପ ଉଠାଇଛନ୍ତି । ଶାସକ ଦଳର କର୍ମୀ ଓ ନେତାଙ୍କ ଇଙ୍ଗିତରେ ସଦର ବ୍ଲକର ବିଭାଗୀୟ ଅଧିକାରୀ ଏଭଳି ଖାମଖିଆଲି କାର୍ଯ୍ୟ କରିଥିବା ସେ ଅଭିଯୋଗ କରିଛନ୍ତି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ଦତ୍ତ ପ୍ରସ୍ତାବ ଦେଇଛନ୍ତି । ବିଶେଷ କରି ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେ କହିଛନ୍ତି । ଅନ୍ୟପକ୍ଷରେ ଶାସକ ଦଳୀୟ ନେତା ଓ କର୍ମୀଙ୍କ ଇଙ୍ଗିତରେ ସରକାରୀ ଯୋଜନା କାର୍ଯ୍ୟକାରିତାରେ ବାଧା ଉପୁଜାଉଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ବିଜେପି ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସ୍ମାରପତ୍ର ପ୍ରଦାନ ବେଳେ ଶ୍ରୀ ଦତ୍ତଙ୍କ ସମେତ ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ଦୁକୁଲୁ ଘଡ଼େଇ ପ୍ରମୁଖ ବିଜେପି ନେତାମାନେ ଉପସ୍ଥିତ ଥିଲେ ।

ମଙ୍ଗଳବାର, ୨୯ ଡିସେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପାଠ୍ୟକ୍ରମରେ ସାମିଲ ହେବ ବରପୁତ୍ରଙ୍କ ଜୀବନୀ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ରାଜ୍ୟର ବରପୁତ୍ର ମାନଙ୍କୁ ଉତରପିଢ଼ି ନିକଟରେ ଚିରସ୍ମରଣୀୟ କରି ରଖିବା ପାଇଁ ସେମାନଙ୍କର ଜନ୍ମ ସ୍ଥାନକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବା ସହିତ ସେମାନଙ୍କର ଜନ୍ମ ଏବଂ ତିରୋଧାନ ଦିବସକୁ ଶ୍ରଦ୍ଧା ଏବଂ ସମ୍ମାନର ସହିତ ପାଳନ କରାଯିବ । ଏହାସହ ବରପୁତ୍ରମାନଙ୍କ କାର୍ଯ୍ୟ ଓ ଜୀବନୀକୁ ବିଭିନ୍ନ ପାଠ୍ୟକ୍ରମରେ ସାମିଲ କରାଯିବ। ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଏହି ବିଷୟରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ମାଧ୍ୟମରେ ଚୟନିତ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ବାର୍ଷିକ ବୃତି ପ୍ରଦାନ କରାଯିବ। ଏଥିପାଇଁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ଶିକ୍ଷାବିତଙ୍କୁ ନେଇ ଏକ କମିଟି ଗଠନ ହେବ। ରାଜ୍ୟ କ୍ୟାବିନେଟ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶାର ବରପୁତ୍ର ମାନେ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ଆମ କଳା, ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆ ଜାତିର ଅନନ୍ୟ ପରିଚୟର ସୁରକ୍ଷା ପାଇଁ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି। ପ୍ରାଚୀନ କାଳରୁ ଆମ ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି କରିଥିବା ଏ ମାଟିର ମହାନ ସନ୍ତାନମାନଙ୍କ ପାଖରେ ଓଡ଼ିଆ ଜାତି ଚିରକୃତଜ୍ଞ । ସେମାନେ ଆମର ଚିର ନମସ୍ୟ । ସେହିପରି ପାଇକ ବିଦ୍ରୋହ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଆଧୁନିକ ଓଡ଼ିଶାର ନବ ନିର୍ମାଣରେ ଅତୁଳନୀୟ ଅବଦାନ ରଖିଥିବା ବରପୁତ୍ର ମାନେ ହେଉଛନ୍ତି ଆମ ପ୍ରେରଣାର ଉତ୍ସ । ଏହି ମହାପୁରୁଷ ମାନଙ୍କର ସ୍ମୃତିକୁ ଚିରସ୍ମରଣୀୟ କରିବା ଏବଂ ଏମାନଙ୍କର ଜାତିପ୍ରୀତି ସମ୍ପର୍କରେ ଆମର ଉତରପିଢ଼ିଙ୍କୁ ଅବଗତ କରିବା ଆମର ଦାୟିତ୍ୱ ଏବଂ ଏହା ଏକ ନିରନ୍ତର ପ୍ରକ୍ରିୟା । ଏବେକାର ଡିଜିଟାଲ ଓ୍ୱାର୍ଲଡ଼ ଏବଂ ସୋସିଆଲ ମିଡ଼ିଆର ଅଗମନ ପରେ ସେମାନଙ୍କର ତ୍ୟାଗକୃତ ଜୀବନୀ ଓ କାର୍ଯ୍ୟ ବିଷୟରେ ପାଠ୍ୟ ପୁସ୍ତକରେ ଉପଯୁକ୍ତ ଭାବରେ ସ୍ଥାନିତ କରିବା ପାଇଁ ସମୀକ୍ଷା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଆମର ଗୌରବମୟ ଐତିହ୍ୟ ତଥା ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଏ ଜାତିକୁ ସେମାନଙ୍କ ପ୍ରତିଭା ଦ୍ୱାରା ମହିୟାନ କରିଥିବା ସମସ୍ତ ବରପୁତ୍ର ମାନଙ୍କ କାର୍ଯ୍ୟ ଏବଂ ଜୀବନର ବିଷୟ ବସ୍ତୁ ଏକତ୍ରିତ କରାଯାଇ ବିଭିନ୍ନ ପ୍ରକାର ପାଠ୍ୟକ୍ରମ, ଅତିରିକ୍ତ ପାଠ୍ୟକ୍ରମରେ ସାମିଲ କରାଯିବ।

## ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ




ବାରିପଦା,୨୮।୧୨ (ନି.ପ୍ର): ଭାରତୀୟ ମଜଦୂର ସଂଘର ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ଏବଂ କର୍ମକର୍ତ୍ତା ନିର୍ବାଚନ ଆଜି ବାରିପଦା ଜୁବୁଲି ଲାଇବ୍ରେରୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ପୃଥିରାଜ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲ୍ଲା ସଭାପତି ଲକ୍ଷ୍ମୀଧର ହାବଡା, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ବିଭାଗ ପ୍ରଚାରକ ତପନ କୁମାର ନାୟକ ଏବଂ ବିଶିଷ୍ଟବକ୍ତା ଭାବରେ ବାଲେଶ୍ୱର ଜିଲ୍ଲା ସମ୍ପାଦକ ପଦ୍ମଭୂଷଣ ରାୟ ପ୍ରମୁଖ ଯୋଗଦେଇ ଭାରତୀୟ ମଜଦୂର ସଂଘ ସର୍ବଭାରତୀୟ ସ୍ତରରେ ଏକ ବୃହତ୍ତ ଟ୍ରେଡ ୟୁନିୟନ ହୋଇ ଥିବା ବେଳେ ଏହା କେବଳ ଶ୍ରମିକଙ୍କ ପାଇଁ ନୁହେଁ ସମାଜର ମଙ୍ଗଳ ପାଇଁ ଶ୍ରମୀକ ଓ ମାଲିକ ମାନଙ୍କର କଥା ଚିନ୍ତା କରିଥାଏ । ଏଣୁ ସମସ୍ତେ ସୁସଂଗଠିତ ଭାବରେ କାମ କଲେ ଯାଇ ୟୁନିୟନର ମୂଳ ଲକ୍ଷ୍ୟ ପୁରଣ ହୋଇ ପାରିବ ବୋଲି କହିଥିଲେ । ପରେପରେ ୟୁନିୟନର ନବ ନିଯୁକ୍ତ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଥିଲା । ଉପଦେଷ୍ଟା ଭାବରେ ସଚିନ୍ଦ୍ର ନାଥ ସାହୁ ଓ ବଳଭଦ୍ର ଘଡେଇ, ସଭାପତି ନିଗମା ନନ୍ଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପସଭାପତି ବିଶ୍ୱମ୍ଭର ଦାସ, ସୁମନ କୁମାର ମହାନ୍ତ, ମାଘରାୟ ମାରାଣ୍ଡି, ଗୁରୁଭା ହାଁସଦା, ସାଧାରଣ ସମ୍ପାଦକ ବୋଧିରଜତ ମହାନ୍ତ, ସହ ସମ୍ପାଦକ ମନୋରମା ବେହେରା, ଶୁଭଶ୍ରୀ ମହାନ୍ତି, ରୀତା ଲେଙ୍କା, ସୁବାସ କୁମାର ସେଠୀ, ସୁଜିତ କୁମାର ଭଞ୍ଜଦେଓ, କୋଷାଧ୍ୟକ୍ଷ ହେମଲତା ମିଶ୍ର, ସହ କୋଷାଧ୍ୟକ୍ଷ ଗଙ୍ଗଚରଣ ଦିଗି, ଅଡିଟର ରତିରନ ବେହେରା, କାର୍ଯ୍ୟକାରିଣୀ ସଦଶ୍ୟ ଭାବରେ ୧୬ ଜଣ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦଶ୍ୟ ଭାବରେ ୧୬ ଜଣଙ୍କ ନାମ ଘୋଷଣା କରାଯାଇଥିଲା। ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ସଂଘ କମିଟିର କର୍ମକର୍ତ୍ତା ବିଭିନ୍ନ ଖଣି ଓ ଶିଳ୍ପ କାରଖାନାରେ କାର୍ଯ୍ୟରତ ଶ୍ରମୀକ ସଂଗଠନର କର୍ମକର୍ତ୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଶାସନବାର୍ଡରେ ୩ ଦିନିଆ ହାଜିବାବା କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ

ଜଳେଶ୍ୱର, ୨୮/୧୨ (ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲି ଅନ୍ତର୍ଗତ ଶାସନବାର୍ଡ ଗ୍ରାମରେ ଗତ ୩ ଦିନ ଧରି ହାଜିବାବା ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବିଜେଡି ସଭାପତି ସୁରଜିତ ଘୋଷ, ଜୟଲାଲ ସାହା ଉପସ୍ଥିତ ହୋଇ ଖେଳାଳୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ମୋଟ ୮ଟି ଟିମ୍ ମଧ୍ୟରେ ଖେଳ ହୋଇଥିବା ବେଳେ ପିଙ୍କୁ ଏକାଦଶ ଓ ଦିଲଯାନ ଏକାଦଶ ମଧ୍ୟରେ ଫାଇନ୍ ଖେଳ ଅନୁଷ୍ଠିତ ହୋଇଥିଲା । ଦିଲଯାନ ଏକାଦଶ ବିଜୟୀ ହୋଇ ୧୦ହଜାର ନଗଦ ଅର୍ଥ ପାଇଥିବା ବେଳେ ପିଙ୍କୁ ଏକାଦଶ ରନର୍ସଅଫ ହାସଲ କରିଥିଲା ।

## ୧୩୬ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଦଳୀୟ ପତାକା ଉତୋଳନ କରି ଉଦ୍‌ବୋଧନ ଦେଇ କହିଲେ ଯେ ବହୁ ମହାମନିଷୀମାନେ ଭାରତର ଜନଗଣଙ୍କର ସୁରକ୍ଷା ପାଇଁ କଂଗ୍ରେସ ଦଳକୁ ପ୍ରତିଷ୍ଠା କରି ଦେଶକୁ ପରାଧୀନତାରୁ ମୁକ୍ତ କରିବା ପାଇଁ ଜେଲ୍ ଭୋଗିଛନ୍ତି ଏବଂ ଜୀବନ ବଳିଦାନ ଦେଇଛନ୍ତି । ଏକଦା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପୃଥିବୀରେ ଅଦ୍ୱିତୀୟ ହୋଇଥିବା ବେଳେ ଆଜି ଗଣତନ୍ତ୍ର ବିପନ୍ନ। ଆଜି ଚାଷୀକୂଳ ହତାଶ, ଯୁବକ ବେକାର, ଛାତ୍ରଙ୍କର ଭବିଷ୍ୟତ ଅନ୍ଧାର, ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାଜ୍ୟର ବିକାଶ ଦିଗରେ ଯଥେଷ୍ଟ ସୁଯୋଗ ଥିଲେ ମଧ୍ୟ ସରକାର ସଂପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଦେଶକୁ ଓ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ଆଗେଇ ଆସିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ପରେ ଓଡିଶା ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦାବିରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ସିବିଆଇ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡିଶାରେ ବିଭିନ୍ନ ଅପରାଧିକ ମାମଲାର ଅନୁସନ୍ଧାନ କରୁଥିବା ସିବିଆଇର ଶୀଥିଳତା ପାଇଁ ଲୋକେ ନ୍ୟାୟ ପାଇପାରୁ ନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଚିଟ୍‌ଫଣ୍ଡ ସମେତ ମାଧବୀଲତା, ଇତିଶ୍ରୀ ଓ ସସ୍ମିତା ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତରେ ସିବିଆଇର ଶିଥିଳତା ଯୋଗୁଁ ଓଡିଶାର ଜନସାଧାରଣ ଏବଂ ସଂପୃକ୍ତ କ୍ଷତିଗ୍ରସ୍ତ ପରିବାରଗୁଡିକ ନ୍ୟାୟ ପାଇବାରୁ ବଂଚିତ ହୋଇଛନ୍ତି। କେନ୍ଦ୍ରର ମୋଦି ସରକାରଙ୍କ ସହ ରାଜ୍ୟ ବିଜେଡି ସରକାରଙ୍କର ଭିତିରି ବୁଝାମଣା ପାଇଁ ଏହିପରି ସଂଗୀନ ମାମଲାର ତଦନ୍ତ ଆଗେଇ ପାରୁନାହିଁ । ଲୋକ ଦେଖାଣିଆ ଭାବେ ସିବିଆଇ ତଦନ୍ତର ନାରା ଦେଇ ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଥିବା ବିଜେଡି ସରକାରଙ୍କ ପ୍ରକୃତ ମୁଖା ଖୋଲିବା ପାଇଁ ଆଜି ଏହି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ଯାଜପୁରରେ ଗତ ୨୪ ଘଂଟାରେ ୧୯୭ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧୯୭ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧,୯୩,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୦ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି ।

## ଜାତୀୟ କଂଗ୍ରେସର ୧୩୬ ତମ ପ୍ରତିଷ୍ଠା ଦିବସ



ନୀଳଗିରି,୨୮।୧୨ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ୧୩୬ ତମ ପ୍ରତିଷ୍ଠା ଦିବସ ନୀଳଗିରି କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, କଂଗ୍ରେସର ବିଧାୟିକା ପ୍ରାର୍ଥିନୀ ରାଣୀ ମନୋଜାମଞ୍ଜରୀ ଦେବୀ ଯୋଗ ଦେଇ କିଭଳି ଭାବେ ଆଗାମି ଦିନରେ କଂଗ୍ରସ ଦଳ ସୁଦୃଢ ହେବ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। ଅପରପକ୍ଷରେ ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସକୁ ଅଧିକ କ୍ରୀୟାଶୀଳ କରାଯିବା ନେଇ ଜିଲ୍ଲା ଯୁବ କଂଗ୍ରେସର ସଭାପତି ରଂଜନ କୁମାର ଦାସ, ପ୍ରକାଶ କରିଥିଲେ। ଆଗାମି ୮ ତାରିଖ କିଷାନ କଂଗ୍ରେସ ସମାବେଶ ପାଇଁ ସମସ୍ତେ ଯୋଗ ଦେବାକୁ କିଷାନ କଂଗ୍ରେସର ସମ୍ପାଦକ ଯଶୋଦାନନ୍ଦନ ସିଂହ ନିବେଦନ କରିବା ସହିତ ବୈଠକରେ ଅଧକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୌରବ ଦାସ, ପ୍ରିତିଶଙ୍କର ମହାପାତ୍ର, ସତ୍ୟଜିତ ପ୍ରଧାନ, ଡମ୍ବରୁଧର ବେହେରା, ଅପୂର୍ତି ସ୍ୱାଇଁ, ନିଗମ ମହାପାତ୍ର, ସୁଶାନ୍ତ ମହାପାତ୍ର, ଦୈତାରୀ ମହାଳିକ, ସୁନ୍ଦରଂଜନ ମହାପାତ୍ର, ନରେନ୍ଦ୍ର ନାୟକ, ପ୍ରଦୀପ କୁମାର ବେହେରା, ବିଶ୍ୱାନାଥ ଦାସ, ବୁଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୬୦ନଂ ଜାତୀୟ ରାଜପଥ ଚାଲନ୍ତିଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା




ଜଳେଶ୍ୱର,୨୮।୧୨ (ନି.ପ୍ର): ଆଜି ସୋମବାର ଅପରାହ୍ନ ୧ ଘଟିକା ସମୟରେ ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥ ଚାଲନ୍ତି ବାଇପାସ୍ ଠାରେ ଏକ ସଡକ ଦୁର୍ଘଟଣା ଘଟିଯାଇଛି । ଘଟଣାରୁ ପ୍ରକାଶ ପଶ୍ଚିମବଂଗର ବର୍ଦ୍ଧମାନ (ଡାର୍ଜିଲିଂ) ଅଂଚଳରୁ ଆସିଥିବା ଡବ୍ଲୁବି୪୦ଏଏ-୮୮୯୧ ଏକ ହୋଣ୍ଡା ସିଟି କାର୍ ଭାରସାମ୍ୟ ହରାଇ ଜାତୀୟ ରାଜପଥର ୩୦ଫୁଟ ତଳକୁ ଖସିପଡିଥିଲା । ଘଟଣାସ୍ଥଳରେ କାର୍‌ଚାଳକ ତପନ ମଣ୍ଡଳ (୩୫)ର ମୃତ୍ୟୁ ଘଟିଥିବା ବେଳେ ତାର ସମ୍ପର୍କୀୟ ଅମାଲ ମଣ୍ଡଳ (୩୨)କୁ ମୁମୂର୍ଷୁ ଅବସ୍ଥାରେ ବାଲେଶ୍ୱର ମୁଖ୍ୟଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି ।

## ରାଜ୍ୟରେ ଆଉ ୩ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୬୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି। ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ରାୟଗଡା ଜିଲ୍ଲାର ଏକ ପାଂଚ ମଙ୍କସର ଶିଶୁର ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## କପ୍ତିପଦା ଉପଖଣ୍ଡ ବ୍ରାହ୍ମଣ ମହାସଭା ବୈଠକ ଅନୁଷ୍ଠିତ



କପ୍ତିପଦା,୨୮।୧୨ (ନି.ପ୍ର): ଉଦଳା ସହର ସ୍ଥିତ ମାଉସୀ ମା, ମନ୍ଦିର ପ୍ରାଙ୍ଗଣରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ବ୍ରାହ୍ମଣ ମହାସଭା ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାସଭାର ସଭାପତି ସତ୍ୟବ୍ରତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବପ୍ରଥମେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭାର ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡାଙ୍କ ପିତା ସ୍ୱର୍ଗତ ନତ୍ୟାନନ୍ଦ ପଣ୍ଡାଙ୍କ୍ କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ସେ ଜଣେ ବେଦ କର୍ମକାଣ୍ଡବିତ ବ୍ରାହ୍ମଣ ଥିଲେ, ବ୍ରାହ୍ମଣ ମାନଙ୍କ ବିକାଶ ପାଇଁ ସେ କାର୍ଯ୍ୟ କରୁଥିଲେ, ବ୍ରାହ୍ମଣ ମହାସଭା ପ୍ରତି ତାଙ୍କର ଦୃଢ଼ ଅନୁରକ୍ତି ଥିଲା ବୋଲି, ବ୍ରାହ୍ମଣ ମହାସଭାର ସଦସ୍ୟମାନେ ସ୍ମୃତି ଚାରଣ କରିଥିଲେ । ଏହା ସହିତ ମହାସଭାର ବରିଷ୍ଠ ସଦସ୍ୟ ରତ୍ନାକର ଦାଶ କିଡ୍ନୀ ରୋଗରେ ଆକ୍ରାନ୍ତ ଥିବାରୁ ଈଶ୍ୱରଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟମୁ ମୟୂରଭଞ୍ଜ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ନାମରେ ନାମିତ କରାଯିବା ଏବଂ ମଠ, ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ମହାସଭା ତରଫରୁ ସ୍ୱାଗତ କରାଯାଇଥିଲା । ଉକ୍ତ ବୈଠକରେ ମହାସଭାର ସମ୍ପାଦିକା ପ୍ରମିଳା ପଣ୍ଡା, ଡ. ଶ୍ୟାମସୁନ୍ଦର ପଣ୍ଡା, ସରୋଜ କୁମାର ପଣ୍ଡା, ବନମାଳୀ ପଣ୍ଡା, ପ୍ରତାପ ଷଡଙ୍ଗୀ ଏବଂ ସୁରେନ୍ଦ୍ର କୁମାର ଶତପଥି ଉପସ୍ଥିତ ରହି ସାଫଲ୍ୟମଣ୍ଡିତ କରିଥିଲେ ।

## ଭୁଲ୍ ଇଂଜେକସନ୍ ଓ ବଟିକା ଯୋଗୁ ରୋଗୀ ମୃତ

ପାରାଦୀପ,୨୮।୧୨ (ନି.ପ୍ର): ଔଷଧ ଦୋକାନୀର ଭୁଲ୍ ଇଂଜେକସନ୍ ଓ ବଟିକା ଯୋଗୁ ରୋଗୀ ମୃତ୍ୟୁ ଅଭିଯୋଗ। ଏଭଳି ଘଟଣା ଘଟିଛି ପାରାଦୀପଗଡ ଅଂଚଳରେ। ପାରାଦୀପଗଡ ବଜାରରେ ଜଳଖିଆ ଦୋକାନ କରିଥିବା ରବିନ୍ଦ୍ର ସାହୁଙ୍କର ଆଜି ସକାଳେ ଛାତି ଓ ହାତରେ ଯନ୍ତ୍ରଣା ହେବାରୁ ସେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ନିକଟରେ ଥିବା କ୍ରିଷ୍ଣା ମେଡିସିନ୍ ଷ୍ଟୋର୍ ନାମକ ଏକ ଔଷଧ ଦୋକାନକୁ ଯାଇଥିଲେ। ଔଷଧ ଦୋକାନୀ ଜଣକ ତାଙ୍କୁ ଦୁଇଟି ଇଂଜେକସନ୍ ଦେବାସହ ଦୁଇଟି ବଟିକା ଖାଇବାକୁ ଦେଇଥିଲା। ସେଠାରୁ ଫେରିବା ବାଟରେ ରବିନ୍ଦ୍ର ହଠାତ୍ ଟଳି ପଡିଥିଲେ। ତାଙ୍କୁ ସେଠାରୁ ସଙ୍ଗେ ସଙ୍ଗେ ଅଠରବାଙ୍କି ମେଡିକାଲ୍‌କୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୋକାନୀ ଭୁଲ୍ ଇଂଜେକସନ୍ ଓ ବଟିକା ଦେବାରୁ ତାଙ୍କ ସ୍ୱାମୀର ମୃତ୍ୟୁ ହୋଇଥିବା ପତ୍ନୀ ରିନା ସାହୁ କହିଛନ୍ତି। ତେବେ କେଉଁ ଇଂଜେକସନ୍ ଓ କେଉଁ ବଟିକା ଦିଆଯାଇଥିଲା ସେ ସଂପର୍କରେ ସଠିକ୍ ତଥ୍ୟ ନଥିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର କହିଛନ୍ତି। ଏହାସହ ରିନା ପାରାଦୀପ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ରବିନ୍ଦ୍ରଙ୍କ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବାସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ରବିନ୍ଦ୍ରଙ୍କ ଘର କେନ୍ଦ୍ରାପଡା ଜିଲ୍ଲାର ମନକରପୁର ବୋଲି ଜଣାପଡିଛି।

## ଆନ୍ତଃରାଜ୍ୟ ୨ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଜଳେଶ୍ୱର, ୨୮/୧୨ (ସ୍ୱପ୍ର) : ଓଡିଶା ଓ ପଶ୍ଚିମବଂଗ ସୀମାନ୍ତ ଜଳେଶ୍ୱର ଦେଉଳାଠାରେ ଏକ ଆନ୍ତରାଜ୍ୟ ୨ଦିନିଆ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି । ନେହେରୁ ଯୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ପଶ୍ଚିମବଂଗର ବାଇପାଟଣା ଏକାଦଶ ଓ ନଛିମପୁରର ନିଳେଶ୍ୱର ଏକାଦଶ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଇପାଟଣା ଏକାଦଶ ବିଜୟୀ ହୋଇଛି । ଚମ୍ପିଆନ୍ ଓ ରନର୍ସଅଫ ଦଳକୁ ଦଳକୁ ଟ୍ରଫି ଓ ନଗଦ ଅର୍ଥ ପ୍ରଦାନ କରାଯାଇଛି । ମାନିକ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା । ଅଗ୍ରୱାଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସରପଂଚ ଦୀପାଳୀ ଜେନା, ସୁଦାମ ପାତ୍ର, ରାଜେଶ ଜେନା, ସପନ ଜେନା, ପ୍ରଦୀପ ଜେନା, ଗଂଗାଧର ଜେନା, ବସନ୍ତ ଜେନା, ରବିଶଂକର ଦାସ, ତପନ ହୋତା, ମାନସ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିର ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଖେଳକୁ କ୍ଲବର ସଭାପତି ରାଜେଶ ଜେନା, ସଂପାଦକ ନିଶିକାନ୍ତ ଦାସ, ଉତ୍ତମ ରାଉତଙ୍କ ସହିତ ବହୁ ସଦସ୍ୟ ପରିଚାଳନା କରିଥିଲେ।

## ପରୀକୁ ନ୍ୟାୟ ଦାବିରେ 'ଓଡ଼ିଶା ପ୍ରଗତି ଦଳ' ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର,୨୮।୧୨ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ସୋମବାର ଦିନ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଗଠନର ସଭାପତି ବିମଳ ମହାପାତ୍ରଙ୍କ ନେତୃତ୍ୱରେ ସକ୍ରିୟ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସାମ୍ପ୍ରତିକ ସ୍ଥିତିରେ ରାଜ୍ୟଠାରୁ ଜିଲ୍ଲା ପର୍ଯ୍ୟନ୍ତ ଦେଖାଦେଇଥିବା ଅଚଳାବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ବିଶେଷ କରି ବେଆଇନ୍ ନିଶାକାରବାରଠାରୁ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ି ଚାଲିଥିବା ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପରୀ ହତ୍ୟାକାଣ୍ଡର ନ୍ୟାୟକ ତଦନ୍ତ, ପରୀ ପରିବାରକୁ ୮୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଚିଟ୍‌ଫଣ୍ଡ ମହାଦୁର୍ନୀତିରେ ସମ୍ପୃକ୍ତ ବିଜେପି ଓ ବିଜେଡି ନେତାଙ୍କ ସମ୍ପତ୍ତି ବ୍ୟାଜାପ୍ତ ପାଇଁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଓଡ଼ିଶା ପ୍ରଗତି ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରୀ ମହାପାତ୍ରଙ୍କ ସମେତ ସଂଗଠନର ଉପ-ସଭାପତି ବିଶ୍ୱଜିତ୍ ବାରିକ, ଯୁବ ସଭାପତି ଦୁର୍ଗାସାଗର ଦେ, ଛାତ୍ର ସଭାପତି ନିହାର ରଂଜନ ଦାସ, ମହିଳା ଶାଖା ଉପ-ସଭାପତି କ୍ଷୀରଧୀ ତନୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଛିନ୍‌ତାଇ ଘଟଣାରେ ୨ ଯୁବକ ଅଟକ, ପୋଲିସର ତଦନ୍ତ ଜାରି

ନୀଳଗିରି,୨୮।୧୨ (ନି.ପ୍ର): ପର୍ଯ୍ୟଟକଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ କରିବା ଘଟଣାରେ ନୀଳଗିରି ପୋଲିସ ୨ଜଣ ଯୁବକକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବାର ସୂଚନା ମିଳିଛି। ସୂଚନା ଅନୁଯାୟୀ ଗତ ତା.୨୭.୧୨.୨୦ରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ଭଦ୍ରକ ଗ୍ରାମାଂଚଳ ଥାନା ଅଧିନସ୍ଥ ଆରୁଆ ରାହାଞ୍ଜ ଅଂଚଳର ଆଲୋକ ଖେମକା ଓ ଜଗଦିଲ ଖେମକା ୩ଟି କାରରେ ପରିବାର ସହ ପଂଚଲିଙ୍ଗେଶ୍ୱର ଦର୍ଶନ କରି ଘରକୁ ଫେରୁଥିବା ବେଳେ ଏକ ବୁଲେଟ ଗାଡ଼ି ଓଡି-୦୧ଏଏଚ-୩୧୨୦ରେ ୩ ଯୁବକ ସନ୍ତରାଗଡ଼ିଆ ବାରହାକୋଇଲି ଛକ ନିକଟରେ ଉକ୍ତ ୩ ଟି କାରକୁ ଅଟକାଇ ପ୍ରଥମ ଗାଡ଼ିର ଥିବା ଡ୍ରାଇଭରକୁ ଧମକ ଚମକ ଦେବା ଅବସରରେ ଅନ୍ୟ ଗାଡ଼ିରେ ଥିବା ଆଲୋକ ଖେମକା ପ୍ରତିବାଦ କରିବାରୁ ୩ ଜଣ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଆଲୋକ ଖେମକାଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ପାଖରେ ଥିବାର ୧୨ହଜାର ଟଙ୍କା ଲୁଟ କରି ନେଇ ଯାଇଥିଲେ । ନୀଳଗିରି ପୋଲିସ ତନା ଘନା କରି ବୁଲେଟରେ ଯାଉଥିବା ୩ଜଣ ଯୁବକଙ୍କୁ ସୋର ଅଂଚଳରୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗିରଫ ୨ଜଣଙ୍କୁ ନୀଳଗିରି ଥାନାରେ ଅଟକ ରଖାଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ସବ୍‌ଇନିସ୍‌ପେକ୍ଟର ସସ୍ମିତା ମଲ୍ଲିକ ଘଟଣାର ତଦନ୍ତ କରୁଥିବା ସୂଚନା ଦେଇଛନ୍ତି। ଅଟକ ରହିଥିବା ୨ଜଣ ହେଲେ ସୋର ବଜାରର କୌସ୍ତୁଭ ଭୂଷଣ ପଣ୍ଡା, ଅନ୍ୟ ଜଣେ ହେଲେ ସୋର ଜେଲର କର୍ମଗ୍ରିରୀ ତଥା ନିମାପଡ଼ା ବନ୍ତର ଶ୍ରୀକାନ୍ତ ବିଶ୍ୱାଳ ବୋଲି ପୋଲିସ ସୂଚନା ଦେଇଛନ୍ତି । ଏ ନେଇ ନୀଳଗିରି ଥାନାରେ ୪୨୭/୨୦ ନମ୍ବର ମାମଲା ହୋଇଥିବା ବେଳେ ଦଫା ୩୯୪, ୩୯୭ ଆଇ.ପି.ସି. ଧାରା / ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଅଛି ।

## ଲୋକ ପ୍ରତିନିଧି , ସରକାରୀ କର୍ମଚାରୀଙ୍କ ପାଇଁ ବାର୍ଷିକ ସମ୍ପତି ତାଲିକା ବାଧ୍ୟତାମୂଳକ

ଭୁବନେଶ୍ୱର,୨୮।୧୨ (ନି.ପ୍ର): ଏଣିକି ନିର୍ବାଚିତ ଲୋକ ପ୍ରତିନିଧି ଏବଂ ସରକାରୀ କର୍ମଚାରୀମାନେ ସେମାନଙ୍କ ବାର୍ଷିକ ସମ୍ପତି ତାଲିକା ଦେବାକୁ ବାଧ୍ୟ ହେବେ ।ଓଡିଶାବାସୀଙ୍କୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଯୋଗାଇଦେବାକୁ ଏହି ନିଷ୍ପତି ନିଆଯାଇଛି। ସୋମବାର ଦିନ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-27/2020-21

1. Number of works - 106 (One hundred six) number of works.
2. Approximate estimated cost: - 0.79 Lakh to 3.45 Lakh.
3. Period of Completion: - 1 (One) Calendar months
4. Date & Time of availability of bid documents in the portal :- Dt. 07.01.2021 to 15.01.2021
5. Last Date / Time of receipt of bid in the portal :- Dt. 15.01.2021 up to 4.00 PM
6. Date of Opening of bid :- Dt. 18.01.2021 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

further details can be seen from the e-procurement portal http://www.tendersodisha.gov.in

OIPR : 34025/11/0015/2021

Executive Engineer
Mayurbhanj (R&B) Division

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo